
diSA
ଓଡ଼ିଆ ସମାଜ
one team one dream
duradrusti.org
ଦୂରଦୃଷ୍ଟି
ଓଡ଼ିଆ ସମାଜର ମୁଖପତ୍ର
Journal of Odia Samaja
Volume 5, Issue 1, January 2007
ପଞ୍ଚମ ବର୍ଷ, ପ୍ରଥମ ସଂଖ୍ୟା; ଶକାବ୍ଦ ୧୯୨୭, ମାଘ ମାସ

# ବିଷୟ ସୂଚୀ (Table of Contents)


| Title | Author | Page |
|---|---|---|
| ସଂପାଦକୀୟ | ମାର୍କଣ୍ଡେଶ୍ୱର ପଣ୍ଡା | 3 |
| ମୂଖ୍ୟ ନିର୍ବାହୀଙ୍କ କଲମରୁ | ବିଶ୍ୱରଞ୍ଜନ ଜେନା | 5 |
| ସରସ୍ୱତୀ ବନ୍ଦନା | କେଦାରନାଥ ପଟ୍ଟନାୟକ | 7 |
| ବିଲ୍କୁଲ୍ ହସିବେନି - ମଣିଷ ଯୋଗାଡେ ଦୈବ ଉଗାଡେ | ସତ୍ୟ ରଞ୍ଜନ ଦାସ | 9 |
| A DREAM... | Anwisha Mishra | 13 |
| God vs Science | Arun Misra | 14 |
| ଉପଜୀବ୍ୟ | ମନୋଜ କୁମାର ପଣ୍ଡା | 15 |
| କଳାସ୍ୟାହି | ସଞ୍ଜୟ କୁମାର ବାଗ୍ | 17 |
| Orissa: Throttled Dissent ... | Saswat Pattanayak | 28 |
| ନିଜ ଦେଶ ତାର ମନେ ପଡେ | ଡକ୍ଟର୍ ଶୁଭଙ୍କର ବେଦାନ୍ତ | 36 |
| Last Six Months of Orissa and OdiAs... | Saubhagya Laxmi Mohapatra | 38 |
| ଗୁଲ୍ଶନ୍ କୁମାର ନିବେଦିତ | ଶ୍ରୀଧର ସାହୁ | 42 |
| ଅହଲ୍ୟା | ଭାସ୍କର ଚନ୍ଦ୍ର ମହାନ୍ତି | ୪୯ |
| ସାତକୋଶିଆ: ଏକ ଦୃଶ୍ୟକାବ୍ୟ | ବିଷ୍ଣୁ ମିଶ୍ର | 52 |
| କିଛି ମାନେ ନାହିଁ | ଜ୍ୟୋସ୍ନା ରାଉତ ମହାନ୍ତି | ୬୧ |
| ଜୀବନଟା ଜହ୍ନିଫୁଲ | ଗିରୀଜା ବଳିଆର ସିଂହ | 63 |
| କ୍ଳାନ୍ତ ଅଭିନେତା | ସୁଲୋଚନମ୍ ସାହୁ | ୬୪ |
| Paradigm Shift | Biswaranjan Jena | 67 |
| ORPHANS OF RURAL ORISSA | SUBHAS C. MOHAPATRA | 69 |
| ଆରପାରିର ସମ୍ପର୍କ | ଅଭିରାମ | 79 |

**Editor:** Markandeswara Panda
**Editorial Board:** Bikash Panda, Biswajit Khandai, Biswajit Mishra, Biswa R. Patnaik, Chinmay Nayak, Debasmita Misra, Markandeswar Panda, and Sarat K. Swain, Satya Ranjan Dash.

**Front Cover & Lay out:** Bikash Panda

**Contact E-mail:** contact@duradrusti.org
**Website:** http://www.duradrusti.org

ପ୍ରଚ୍ଛଦପଟ୍ଟ: ଏ’ ସଂଖ୍ୟାର ପ୍ରଚ୍ଛଦପଟ୍ଟଟି ଶ୍ରୀ ବିଷ୍ଣୁ ମିଶ୍ରଙ୍କ ସୌଜନ୍ୟରୁ ପରିବେଶିତ କେତେଗୋଟି ଆଲୋକଚିତ୍ରକୁ ନେଇ ସଂଯୋଜିତ ।  ଏହା ଓଡ଼ିଶାର ଏକ ପ୍ରତୀକାତ୍ମକ ଛବି ଭାବରେ ଗ୍ରହଣୀୟ ହେବ ବୋଲି ଆଶା ।

**Coverpage:** The coverpage of this issue has photographs by Shri Bishnu Mishra, knit together to depict a symbolic image of Orissa in her different hues.

ବିଶ୍ୱବ୍ୟାପୀ ଓଡ଼ିଆମାନଙ୍କ ଚିନ୍ତାଧାରା ଓ ବାର୍ତ୍ତାଳାପରେ ଅନ୍ତର୍ନିହିତ ଦୂରଦର୍ଶିତାକୁ ଏକ ଲିଖିତ ରୂପାୟନ ଦେବାର ଅଭୀପ୍ସା ନେଇ ଦୂରଦୃଷ୍ଟିର ଜନ୍ମ । ଓଡ଼ିଶା ଓ ଓଡ଼ିଆ ଜାତି ପାଇଁ ସେ’ ସମସ୍ତ ସଦିଚ୍ଛା ଓ ଶୁଭାକାଙ୍କ୍ଷାକୁ କର୍ମକ୍ଷେତ୍ରରେ ପ୍ରତିପାଦନ ପ୍ରଚେଷ୍ଟାରେ ସବୁ ଓଡ଼ିଶାପ୍ରେମୀ ଓ କର୍ମୋଦ୍ୟୋଗୀ ଓଡ଼ିଆମାନଙ୍କୁ ଅନୁପ୍ରାଣିତ କରିବା ଏ’ ମୁଖପତ୍ରର ପ୍ରଧାନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

“duradrusti” feeds on the flames of farsightedness flickering in the hearts and minds of Oriyas all over the world.  As the mouthpiece of oDiA samAja (OdiSA), the journal aspires to inspire all Orissa lovers in the service of our motherland, Orissa.

## ସଂପାଦକ ମଣ୍ଡଳୀଙ୍କ ଲେଖନୀରୁ...

## From The Editor…

Dear readers and writers,

Welcome to the 7th issue of Duradrusti.  It is hard to imagine that with the efforts of a handful of busy people could sustain it for seven excellent issues.  In some of the previous issues, when I had the opportunity to act as the Editors, I wrote the Editorials in Oriya.  This time is again my privilege to write something, although my contribution for in terms of written article is zero.  The credits rather go to the entire editorial board and a few other volunteers who do not want their names in print.  For this issue, I am acting as an agent to fill the gap, just for the sake of it.

The explosion of knowledge happens in every age, but only a few products of such explosion survive the scrutiny of time.  Therefore, before writing this Editorial, I tried to learn from the model Editors and columnists, who write almost daily in the

newspapers and/or journals. I respect such people as I feel uncomfortable of writing even one for unforeseeable reasons. Then entered the dilemma of whether to write it in Oriya or English? Like most others, I do not read the Editorials in every journal or newspaper I happen to browse; and assume that the contents of the entire issue are always summarized in the first page or two. If that is true, then what is the job of the Editor other than getting his name in print while the writers, reviewers, proof-readers, and layout designers do the hard work?

There is no such definition on the qualifications based on which an Editor can be called 'poor' or 'excellent'. If we look into the newspaper business in Orissa, we find that very few of the 'Editors' do the actual writing, and the rest are involved in either active-politics or socializing-politics. Duradrusti is somewhat different in this regard. Here, the aim of the publication of articles is not for the purpose of promoting an organization (say oDiA samAja) or carry the beacon of error-free Oriya language. Instead, it is rather a soft-core approach to foster friendship, encourage new writers to polish their talents, and share their views in their prose or poetries.

For any professional journal to survive there must be one or more qualified persons in the Editorial board to correct the mistakes. It is probably right to say that the most deplorable things in the world are the expression of excellent pieces of wisdom in poorly worded languages. But, how can we find them for a journal like Duradrusti, which lives only by the voluntary efforts of its readers and writers. None of the members in this group are in the professions of teaching language or literature. Until then we can have an acceptable solution by separating language/grammar from expression. Expressive literature can be corrected within the limits of available understanding by the current members. At a later date, the quality can be improved with the stepping-in by experts. Among our group we have people who possess excellent knowledge of both the Oriya and English languages. Unfortunately, many of them are unable to participate or even make decisions to participate in the writing or editing processes. Let us hope things will change in the near future and our friends will understand that all those who spare their times do not do so in vain. There are many scholars in Orissa who can take care of the grammars and other tools to enhance the language, but expressing ourselves in a prose or poetry must be done on an individual basis. No real scholar would write for personal gains and many write for fun.

In the last twenty years I tried my best to learn some grammar but have failed miserably. I have a book on the philosophy of the grammarians that discusses the literature of ancient India on the basis of the works of more than 70 of these philosophers of language, ranging from Panini to the modern scholars like Ramajnya Pandeya. However, the material seems to be of limited discussion for common people like me. I had similar trouble even understanding the contents of a small book on Oriya grammar, 'oDiA bhASAtatwa: bichAra o bishLeSaNa' by Dr. Dhaneswar Mohapatra. Nevertheless, this personal deficiency with my own mother tongue or professional language will never prevent me from accepting the truth and continuing to express my ideas in a journal like Duradrusti.

It is my sincere hope that many of you would like to contribute articles for the future issues without the reservation that you may not produce good prose, poetry, or drama for the first time. Those who never dare for crossing the barrier of self-inhibition would never contribute anything for the benefit of others. Until we try, we can never realize our potentials in one arena or another.

As done in the previous issues, we have many interesting articles for your pleasure. I sincerely thank the volunteers who tried their best in collecting, typing, and editing the articles. There will be many errors, which must have escaped our attention. This is an electronic edition and with your help we can make the corrections at any time.

With sincere regards,
Markandeswar Panda
Acting Editor.
January 13, 2007

## ଓଡ଼ିଆ ସମାଜର ମୁଖ୍ୟ ନିର୍ବାହୀଙ୍କ କଲମରୁ ପଦେ

ଓଡିଆ ସମାଜର ମୁଖପତ୍ର ‘‘ଦୂରଦୃଷ୍ଟି’’ କୁ ମୋର ନବ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ । ଦୂରଦୃଷ୍ଟିର ଜାନୁୟାରୀ ୨୦୦୭ ଇସ୍ୟୁଟି ଅତି ନିପୂଣ ଭାବରେ ପ୍ରକାଶିତ କରଥିବାରୁ ସଂପାଦକ ମଣ୍ଡଳିଙ୍କ ନିକଟ ରେ ଦୂରଦୃଷ୍ଟି ଚିର କୃତଜ୍ଞ । ସେମାନ’ଙ୍କ ଦୃଢ ମନୋବୃତ୍ତି ଓ ମୂଲ୍ୟବାନ ସମୟର ବିନିଯୋଗରେ ଦୂରଦୃଷ୍ଟି ଆଜି ତାର ପଞ୍ଚମ ବର୍ଷରେ ସୁସଜ୍ଜିତ ଭାବରେ ପଦାର୍ପଣ କରିପାରିଛି । ଦୂରଦୃଷ୍ଟି ତାର ପାଠକ/ପାଠିକା ଓ ଲେଖକ/ଲେଖିକା ବୃନ୍ଦଙ୍କ ନିକଟରେ ବିନମ୍ର ଭାବରେ ନତମସ୍ତକ । ଏମାନ’ଙ୍କ ବିନା ସହଯୋଗରେ, ଦୂରଦୃଷ୍ଟି ତାର ସମୟ ର ଧାରାକୁ କାଟିବାକୁ ସଫଳ ହେବା ଲାଗି ଅତ୍ୟନ୍ତ କଠିନ ସଙ୍ଗ୍ରାମ କରିବା ଲାଗି ବାଧ୍ୟ ହୋଇ ଥାନ୍ତା । ଯେମିତି ତ୍ରେତୟା ଯୁଗରେ, ରାମଙ୍କର ବନବାସ ସମୟରେ, କନିଷ୍ଠ ଭ୍ରାତା ଭରତ ରାଜ ସିଂହାସନ ଅଧିକାର କରିଥିଲେ, ଠିକ୍ ସେହିଭଳି ଦୂରଦୃଷ୍ଟି ର ଇତିହାସ ରେ ଏକ ପୁରୁଖା ଭାଷାବିତ୍ ର ଅଭାବକୁ ନେଇ ଏହାର ପୁନରାବୃତ୍ତି କହିବା ବାହୁଲ୍ୟ ହେବନାହିଁ । ପରନ୍ତୁ ଦୂରଦୃଷ୍ଟିର ଇତିହାସରେ ରାମଙ୍କର ବନବାସଟି, ସମୟର ଅସହଯୋଗିତା ଓ କଠିନତା ରୂପରେ ଗଣା ଯାଇଛି । ତଥାପି ଆମ ଚେଷ୍ଟା ଜୀବନ୍ତ ରହିଛି, ଓ ରହିବ ଏକ ସୁଦିନର ଆଗମନ ଲାଗି ।

In this issue of January 26, 2007, we are trying to improve the quality of the journal, as well as the performance of the Editorial board. When I mean performance, I really mean it, because we are trying to give a new direction to Duradrusti by organizing a printed version. We hope the magazine will be successful in reaching out to the villages of Orissa with a nominal price or so. Our sole purpose is to reach out and encourage the next generation young writers to exploit their thoughts for a change in an improvised

way, so that it can reach each individual who has feelings to do something for Orissa. Today, the voices of the brainstorming sessions of Odia-sAmja / Myodisa has reached out to inside and outside of Orissa including the Govt. India, Govt. of Orissa, AG, etc. But Odia-sAmja / Myodisa is not going to stay idle until such an echo has reached out to each corner of Orissa and her people. The children of Orissa need to be awake and arise from the dust of fallen behind syndrome. And this is a mandatory requirement in order to survive and keep your identity intact in today's world. Duradrusti, Odia-sAmja ra mukhapatra, is a small step towards it.

At the end, once again, I don't hesitate to re iterate that I'm proud to be part of such a great endeavor and requesting others to be parts of it through your contributions such as suggestions, comments, writings, and even criticisms. Each and every drop of water is valuable enough for filling a glass.

Best wishes!

**Biswaranjan Jena**
**CE, Odia Samaja**

# ସରସ୍ୱତୀ ବନ୍ଦନା

କେଦାରନାଥ ପଟ୍ଟନାୟକ

ବନ୍ଦେ ବାଣୀ ବୀଣାପାଣୀ ବୈଷ୍ଣବୀ ବିଷ୍ଣୁଘରଣୀ
ବିଶ୍ୱେ ତବ ବିହରଣ ବାସନା ଜାଣି
ବସନ୍ତ ବିଶ୍ୱେ ପ୍ରବେଶି ବିଚିତ୍ର ଶୋଭନ ଶୋଭନ ବିକଶି
ବିମଣ୍ଡିତେ ବିକଶିତ ବନବନାନୀ
ବିଦ୍ୟାଳୟେ ବିଦ୍ୟାର୍ଥୀଗଣ
ବିଜଡିତ ଆଜି ତବ ପଦବନ୍ଦନେ

ସୁଗନ୍ଧିତ ସମୀରଣ ସଞ୍ଚାଳିତ ସର୍ବସ୍ଥାନ
ସାଗର ସୁତା ସପତ୍ନୀ ସ୍ୱାଗତ ପାଇଁ
ସରସୀରେ ଶ୍ୱେତ ପଦ୍ମ ସଜାଡିତ ସିଂହାସନ
ସନ୍ତରୁଛି ଶ୍ୱେତ ହଂସ ସରସେ ଚାହିଁ
ସରସ୍ୱତୀ କରିବେ ବିଜେ
ସସାଗରା ଶବ୍ଦାୟିତ ଶଙ୍ଖଶବଦେ

ପୁସ୍ତକ ପଙ୍କଜ ପାଣି ପୀତବାସ ପାଟରାଣୀ
ପୃଥିବୀରେ ପରବେଶ ପ୍ରକାଶ କ୍ଷଣେ
ପୁରେ ପୁରେ ପୁଲକିତ ପୂଜାରତେ ସର୍ବ ଚିତ୍ତ
ପଞ୍ଚମୀର ପବିତ୍ରତା ପ୍ରତ୍ୟେକ ପ୍ରାଣେ
ପରଭୃତ ପଞ୍ଚମ ତାନେ
ପୂଜାବିଧି ମାଂଗଳିକ ଉଚ୍ଚାରେ ଗାନେ

କଜ୍ଜ୍ୱଳ କଇଁ ନୟନେ    କୁଣ୍ଡଳ ଭୂଷିତ କର୍ଣ୍ଣେ
କୌସ୍ତୁଭ ମଣିମାଳେ କଣ୍ଠେ ଶୋଭିତା
କରେ କଙ୍କଣ ମଣ୍ଡିତା    କନକ କିରିଟୀଭୂଷିତା
କୋଟି କୋଟି କଣ୍ଠେ ଦିଅ କାବ୍ୟକବିତା
କରଯୋଡି କରେ ଜଣାଣ
କରମହୀନ କୁ କର କର୍ମପ୍ରଦାନ

-- * --

# ବିଲ୍କୁଲ୍ ହସିବେନି -- ମଣିଷ ଯୋଗାଡେ ଦୈବ ଉଗାଡେ

## ସତ୍ୟ ରଞ୍ଜନ ଦାସ, ଟରୋଣ୍ଟୋ, କାନାଡା

ସତ୍ୟ ରଞ୍ଜନ ଦୂରଦୃଷ୍ଟିର ଏକ ଚିରପରିଚିତ ଲେଖକ ଓ ସଂପାଦକ ମଣ୍ଡଳୀର ଅନ୍ୟତମ ସଦସ୍ୟ । ଏହି ମଜାଳିଆ ଘଟଣାଟି ଓଡିଶାର ପ୍ରସିଦ୍ଧ ଲେଖକ ମନୋଜ ଦାସଙ୍କ "ସ୍ମୃତିର ପ୍ରଦୀପ" ପୁସ୍ତକର "ଅପସୃତ ମୁହଁ ଓ ମୁହୂର୍ତ୍ତ ଶତକ" ପ୍ରବନ୍ଧଟିରୁ ବ୍ୟାଖ୍ୟାନୁବାଦିତ । କାହାଣୀଟି ଓଡିଶାର ସୁନାମଧନ୍ୟ କମ୍ୟୁନିଷ୍ଟ ନେତା ମନମୋହନ ମିଶ୍ର ଓ ମନୋଜ ଦାସଙ୍କ ଜୀବନରେ ଘଟିତ ଏକ କୌତୂହୋଳଦ୍ଦୀପକ ଘଟଣା ।

[ଏହି କୋତୁକୀର ସଂପୂର୍ଣ୍ଣ ମନୋରଞ୍ଜନ ଉଠାଇବାକୁ ହେଲେ ପାଠକଙ୍କୁ ଟେଲିଗ୍ରାମର ଭାଷା ସଂପର୍କରେ ଊଣା-ଅଧିକ ଜ୍ଞାନ ରହିବା ଆବଶ୍ୟକ ।]

ଦୂରଦୃଷ୍ଟିର ଅନେକାଂଶ ପାଠକମାନେ ଟେଲିଗ୍ରାମ ନାମ ବୈଦ୍ୟୁତିକ ମାଧ୍ୟମ ବିଷୟରେ ଜ୍ଞାତ ଥିବେ । ତଥାପି ବର୍ତ୍ତମାନର କଂପ୍ୟୁଟର ଯୁଗର ତରୁଣ-ତରୁଣୀ ଏବଂ ଯୁବ-ଯୁବତୀ ହୁଏତ ଆଧୁନିକ text messaging, cell phoneରେ ଅଭ୍ୟସ୍ତ ହୋଇଯିବାରୁ ଟେଲିଗାମ ମାଧ୍ୟମଟି କ'ଣ ତା ହୁଏତ ଜାଣି ନ ଥିବେ । ଟେଲିଗ୍ରାମ କ'ଣ, ବର୍ତ୍ତମାନ (ପାଶ୍ଚାତ୍ୟ ଦେଶରେ) ଏପରିକି ହସ୍ତଲିଖିତ ଚିଠି ମଧ୍ୟ, ବ୍ୟକ୍ତିଗତ ଯୋଗାଯୋଗ ମାଧ୍ୟମ ଭାବରେ କ୍ରମଶଃ ଲୋପପ୍ରାୟ ହୋଇଗଲାଣି ।

୧୮୪୪ ମସିହାରେ ପ୍ରାରମ୍ଭିତ, ପ୍ରାୟ ଦୀର୍ଘ ୧୫୦ ବର୍ଷ ପର୍ଯ୍ୟନ୍ତ, ସାଧାରଣ ମଣିଷର ଜରୁରୀକାଳୀନ ବାର୍ତ୍ତା ପାଇଁ ଟେଲିଗ୍ରାମ ହି ଏକ ସୁନ୍ଦର, ସୁଲଭ, ଏବଂ ଅନିବାର୍ଯ୍ୟ ମାଧ୍ୟମ ଥିଲା । ଟେଲିଗ୍ରାମରେ ଲିଖିତ ବାର୍ତ୍ତା Morse Codeରେ ତାର ଯୋଗେ ପ୍ରେରିତ ହୁଏ । ଯେଉଁମାନେ ଟ୍ରେନରେ ପାର୍ଶ୍ୱଦୃଶ୍ୟ ଭାବେ ଲାଇନ କଡକୁ ନିରେଖି ଥିବେ ସେମାନେ ଲକ୍ଷ୍ୟ କରିଥିବେ ଯେ କିଛି ଅବୈଦ୍ୟୁତିକ ସଙ୍କୀର୍ଣ୍ଣ ଲାଇନ୍ ରେଳ କଡେ କଡେ ଚାଲିଥିବ । ପୂର୍ବରୁ ବେତାରର ବ୍ୟାପକ ଉପଯୋଗ ଆଗରୁ ସଂପୂର୍ଣ୍ଣ ଭାରତୀୟ ରେଳବାଇ ଏହି ତାର ମାଧ୍ୟମରେ ପ୍ରେରିତ ବାର୍ତ୍ତା ଦ୍ୱାରା ପରିଚାଳିତ ହେଉଥିଲା । ବାସ୍ତବରେ ସେ କାଳରେ ଆମେରିକାର ଏକ ବହୁତ ସଫଳ ଓ ସୁନାମଧାନ୍ୟ ସଂସ୍ଥା Western Union କେବଳ ଟେଲିଗ୍ରାମର ବ୍ୟବସାୟ ଉପରେ ପ୍ରତିଷ୍ଠା ହୋଇଥିଲା । ଜିଜ୍ଞାସୁ ପାଠକମାନେ Western Unionର ଇତିହାସ ଓ୍ୱେବ୍‌ରେ ପଢି ପାରନ୍ତି ଟେଲିଗାମର ବିଷୟରେ ଅଧିକା ଜାଣିବା ପାଇଁ । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ବିଷୟ ସିନେମା ଗୁଡିକରେ ଟେଲିଗ୍ରାମର ସଂପର୍କିତ ଅଭିନୟ ବହୁଳ ଭାବରେ ଦେଖିବାକୁ ମିଳିଥାଏ ।

Morse Code ଏକ binary language । କେବଳ - (dash) ଓ . (dot) ଦ୍ୱାରା ସବୁ ଭାଷା ରୂପାନ୍ତରିତ ହୋଇ ତାରର ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଗମନ ହେଉଥିଲା । ଦୁଇ ମୁଣ୍ଡରେ ଭାଷା ବିଶେଷଜ୍ଞ ମାନେ Morse Codeରୁ ଇଂରାଜୀକୁ ଓ ଇଂରାଜୀରୁ Morse Codeକୁ ଅନୁବାଦ କରିବାରେ କାର୍ଯ୍ୟବ୍ୟସ୍ତ ରହିଥାନ୍ତି ।

ଟେଲିଗ୍ରାମ ଏକ ମହର୍ଗ ଜିନିଷ ଥିଲା । ଅତଏବ କିପରି ନ୍ୟୁନତମ ଶବ୍ଦମାଳା ପ୍ରୟୋଗ କରି ବାର୍ତ୍ତା ଖଞ୍ଜା ଯାଇପାରିବ ସେଇଟା ଏକ ବହୁତ ଆବଶ୍ୟକ କୌଶଳ ଥାଏ । କୌଣସି କାରଣ ହେତୁ ଟେଲିଗ୍ରାମରେ ଯେ କୌଣସି ବ୍ୟାକରଣ ଛେଦ ଚିହ୍ନ (punctuation mark)ର ପ୍ରୟୋଗ ଏକ ମହର୍ଗ ବ୍ୟବସାୟ ଥାଏ । କିନ୍ତୁ ଛେଦ ଚିହ୍ନ ବଦଳରେ ଯଦି STOP (କିମ୍ବା comma) ଶବ୍ଦ ବ୍ୟବହାର କରାଯାଏ ତା'ହେଲେ ଶସ୍ତା ପଡୁଥିଲା । ସଂକ୍ଷିପ୍ତରେ ଏହି କାହାଣୀ ପାଇଁ ଏହା ମନେ ରଖିବାକୁ ପଡିବ ଯେ ଟେଲିଗ୍ରାମରେ ଯଦି STOP ଶବ୍ଦଟି ଦେଖାଯାଏ ତାହାହେଲେ ସେଇଟି ପୂର୍ଣ୍ଣଚ୍ଛେଦ ବା full stop ବୋଲି ପଢିବା କଥା ।

ଏହି ବାସ୍ତବିକ ଘଟଣାଟି ଟେଲିଗ୍ରାମରେ punctuation markର ବିନିଯୋଗ ଓ STOP ଶବ୍ଦର ଉତ୍ପାଟନ ଉପରେ ଆଧାରିତ ।

ବାଲେଶ୍ୱରରେ କଲେଜ୍‌ରେ ପଢିବାବେଳେ ମନୋଜ ବାବୁ ଦିନେ ଖବର ପାଇଲେ ଯେ ସଦ୍ୟ କାରାମୁକ୍ତ ମନମୋହନ ବାବୁ କଲିକତାରୁ କଟକ ଯିବା ବାଟରେ ଦିନକ ସକାଶେ ବାଲେଶ୍ୱରରେ ଅଟକିବାକୁ ପ୍ରସ୍ତୁତ । ସଭାଟିଏ ଆୟୋଜନ ହୋଇପାରିଲେ ଉତ୍ତମ ।

ନିଶାର୍ଦ୍ଧରେ ସେ ଟ୍ରେନ୍‌ରୁ ଅବତରଣ କରିବେ । ତା' ପରଦିନ ସଭା ସକାଶେ ଉତ୍ସାହ ଓ ଆନନ୍ଦରେ ସମସ୍ତେ ବ୍ୟାପୃତ ରହିଲେ ଆୟୋଜନରେ । ସନ୍ଧ୍ୟା ବେଳକୁ ରିକ୍ସାରେ ମାଇକ୍ରୋଫୋନ୍ ଖଞ୍ଜା ଚାଲିଛି । ବାଲେଶ୍ୱରରେ ମନମୋହନ ମିଶ୍ରଙ୍କର ସମ୍ଭବତଃ ତାହା ପ୍ରଥମ ଜନସଭା । ଦିନକ ଆଗରୁ ଲୋକେ ଜାଣିବା ଚାହିଁ ।

ମୋତିଗଞ୍ଜ ସିନେମା ଛକରେ ମାଇକ୍ରୋଫୋନ୍ ପରୀକ୍ଷା ହେଉଛି । ଆଠ ଦଶ ଜଣ କୌତୁହଳୀ ବେକାର ପିଲା ଆଗ୍ରହରେ ରିକ୍ସାକୁ ଘେରିଗଲେଣି । ସହଦେବ ଖୁଣ୍ଟରେ ଅବସ୍ଥିତ କମ୍ୟୁନିଷ୍ଟ ପାର୍ଟି ଅଫିସ୍‌ରୁ କନହେୟା

ନାମଧେୟ କର୍ମୀ ଗୋଟାଏ ଅନିଚ୍ଛୁକ ସାଇକେଲ୍‌କୁ ମରଣାନ୍ତକ ଶ୍ରମରେ ଚଳମାନ ରଖି ମନୋଜ ବାବୁଙ୍କ ପାଖରେ ଧଇଁ-ସଇଁ ହେଇ କହିଲା, "ମନୋଜ ବାବୁଙ୍କ ଆସିବା ବନ୍ଦ। ଜରୁରୀ ଟେଲିଗ୍ରାମ ଆସିଛି।"

ଅବଶ୍ୟ କନହେୟା ଟେଲିଗ୍ରାମ ଖଣ୍ଡିକ ସଙ୍ଗରେ ଆଣି ନ ଥିଲା । ତେବେ ପାର୍ଟି ଅଫିସ୍ ଦାୟିତ୍ୱରେ ଥିବା କମ୍ରେଡ୍ ବୃଥାରେ ତାକୁ ପ୍ରେରଣ କରିବାରେ ଯୁକ୍ତି ନ ଥିଲା । କାର୍ଯ୍ୟକ୍ରମ ବାତିଲ୍ ନିମନ୍ତେ ଯାହା ବନ୍ଦୋବସ୍ତ କରିବା କଥା କରାଗଲା ।

ମାତ୍ର କୌଣଷି ଅଜଣା କାରଣରୁ ମନୋଜ ବାବୁଙ୍କ ମନ ସନ୍ତସନ୍ତ ହେଲା । ମନମୋହନ ବାବୁ ଖାଲି ବାଲେଶ୍ୱରରେ ଅଟକି ପାରିବେ ନାହିଁ ବୋଲି ସଭା ବାତିଲ କଲେ ନା ମୋଟେ କଲିକତାରୁ ଆସୁନାହାନ୍ତି, ସେ ସଂପର୍କରେ ମନୋଜ ବାବୁ ମନ ବିଚଳିତ ଥାଏ । ଯଦି ମନମୋହନ ବାବୁ ଗାଡିରେ ଯାଉଥିବେ, ତାହାହେଲେ ହୁଏତ ବାଲେଶ୍ୱରଠିଁ ପ୍ଲାଟ୍‌ଫର୍ମ ଆଡେ ଚାହିଁବେ । ମନେମନେ କହିଲେ "ଫଟୋ ତ ଦେଖିଛି, ନିଶ୍ଚିତ ଚିହ୍ନି ପାରିବି" ।

ମନୋଜ ବାବୁ ପ୍ଲାଟ୍‌ଫର୍ମରେ ଏପଟ ସେପଟ ହେଉଛନ୍ତି, ଗାଡି ଆସି ପ୍ଲାଟ୍‌ଫର୍ମରେ ଅଟକିଲା । ବାହାରି ଆସିଲେ ମନମୋହନ ମିଶ୍ର । ନମସ୍କାର କରି ପରିଚୟ ହେଉଥିବା ଅବସ୍ଥାରେ ମନୋଜ ବାବୁ ଲକ୍ଷ୍ୟ କଲେ, ଯେ ସେ ହାତରେ ସୁଟ୍‌କେଶ୍ ଧରିଛନ୍ତି ।

ଆପଣ କ'ଣ ଏଠି ରହିବେ?
ମାନେ? ସଭା ହେବ ପରା? ମୋ ଟେଲିଗାମ ମିଳିନାହିଁ?
ଆପଣ ପରା ଆସିବେ ନାହିଁ ବୋଲି ଟେଲିଗାମ କଲେ ।
କି ଆଶ୍ଚର୍ଯ୍ୟ! କାହିଁ ଟେଲିଗ୍ରାମ ଦେଖାଇଲ ?

ମନୋଜ ବାବୁ ତ ନିଜେ ଟେଲିଗ୍ରାମ ଦେଖି ନ ଥିଲେ । ଦେଖାଇବେ ବା କ'ଣ ! ସେ ଯାହା ହେଉ ମନମୋହନ ମିଶ୍ର, ଟି.ଟି.ଆଇ.ଙ୍କଠୁଁ ଟିକଟର ମିଆଦ ବଢାଇ, ପୁନର୍ବାର ଗାଡି ଚଢି କଟକ ଅଭିମୁଖେ ଯାତ୍ରା କଲେ ।

କିଛି ସମୟ ବିମୂଢ ରହିବା ଅନ୍ତେ ମନୋଜ ବାବୁ ସେ ଅନ୍ଧକାର ରାତିରେ ହଷ୍ଟେଲ୍‌କୁ ନ ଫେରି ସିଧା ସହଦେବ ଖୁଣ୍ଟା, ଯେଉଁଠି କମ୍ୟୁନିଷ୍ଟ ପାର୍ଟି ଅଫିସ୍, ଗଲେ । କବାଟରେ ଶତାଧିକ ଆଘାତ ଅନ୍ତେ ଟେଲିଗ୍ରାମ-ବ୍ୟାଖ୍ୟାକାରୀ କମ୍ରେଡ ଜଣକ କବାଟ ଖୋଲିଲେ ।

"ମନମୋହନ ମିଶ୍ରଙ୍କ ଟେଲିଗ୍ରାମଟି କାହିଁ? "

"କାହିଁକି? ମୁଁ ପରା ସଙ୍ଗେ ସଙ୍ଗେ କନ୍‌ହେୟାକୁ ପଠାଇଥିଲି ! ସେ ଖବର ନ ଦେଇ ଆଉ କୁଆଡେ ଚାଲିଗଲା କି? ଏଠାକୁ ବି ଫେରି ନାହିଁ? "

"କନ୍‌ହେୟା ଯଥେଷ୍ଟ ନିର୍ଭଯୋଗ୍ୟ । ସେ ଖବର ଦେଇଛି ଠିକ୍ । କିନ୍ତୁ ମୁଁ ଟେଲିଗ୍ରାମଟି ଦେଖିବା ଜରୁରୀ ।"

ସେତେବେଳକୁ ରାତି ଗୋଟାଏ-ଦୁଇଟା ହେବ । କମ୍ରେଡ୍ ଲଣ୍ଠନ ଲଗାଇଲେ । ଟେଲିଗ୍ରାମ ଖଣ୍ଡକ ଉଡିଯାଇ ଅଥବା ସେ ମାଟି ଚାଳ ଘରର ସ୍ଥାୟୀ ବାସିନ୍ଦା ବଳବାନ ମୂଷାମାନଙ୍କ ଦ୍ୱାରା ଘର କୋଣର ଏକ ବିଳ ପାଖରେ ପହଞ୍ଚିଯାଇଥାଏ ।

କମ୍ରେଡ୍ ତାକୁ ଉଠାଇ ଧରି, ପୁର୍ନବାର ପ୍ରଶ୍ନ କଲେ, "ରହସ୍ୟ କ'ଣ କହିଲ?"
"ରହସ୍ୟ ବେଶ ଜଟିଳ । କମ୍ରେଡ୍ ମନମୋହନ ମିଶ୍ର କହିଲେ କି ସେ ଆସୁଛନ୍ତି ଓ ସଭା ହେବ -- ଏହି ମର୍ମରେ ସେ ଟେଲିଗ୍ରାମ କରିଛନ୍ତି । ତମେ କହୁଛ ସେ ଆସିବେ ନାହିଁ ବୋଲି ଜଣାଇଛନ୍ତି । ଦୁଇଟି ଯାକ ପରସ୍ପର-ବିରୋଧି କଥା । ଏଥର ଖୋଲିଲ ଟେଲିଗ୍ରାମ ।

"ଖୋଲିବି ତ ନିଶ୍ଚୟ । କିନ୍ତୁ ମୁଁ ଯାହା ସନ୍ଦେହ କରୁଥିଲି, ତାହା ଠିକ୍ ବୋଲି ପ୍ରମାଣିତ ହେବାକୁ ଯାଉଛି । କୌଣସି ଜନଶତ୍ରୁ କିମ୍ବା ଆମେରିକାନ୍ ଚର, ଟେଲିଗ୍ରାମରେ ଗୋଟିଏ ଏଯୋଡିଏ ଶବ୍ଦ ଯୋଡିଛ । "ସାବୋଟାଜ୍ ନିଶ୍ଚୟ !'"

କମ୍ରେଡ୍ ମିଞ୍ଜି ମିଞ୍ଜି ଲଣ୍ଠନ ଟେକି ଟେଲିଗ୍ରାମ ଖୋଲି ପଢିଲେ ।
"Reaching by Howrah-Puri STOP Meeting confirmed STOP Inform Manoj -- Mamnmohan Mishra"

# A DREAM…

**ANWISHA MISHRA**
Std. IX(C), Kendriya Vidyalaya 1, Bhubaneswar.

One night when the stars were shining
I dreamt a sweet dream,
I was in a world, which was filled up with colours
And the lights were as in beams.

A tiny little butterfly, sweet and small
With no place to go or venture at all,
It landed on my nose
As if I was special, may be chose!

A sweet song bird, passing by
Flew down to me, from way up high,
It landed on my arm, and
Sang a song, filled with magical charm.

A star up high, twinkled bright,
Smiled at me, with pleasure and delight,
The moon up high, smiled with a wink
It must have blessed me, I think…

An angel appeared and shone her light
Relaying that she was a symbol so right,
Of all that's sweet about love and charm
As I stood beside there arm in arm.

I crossed a bridge, over a river
Fishes leapt out and passed by, may be forever,
Beyond sat a mermaid, sweet and serene
Telling me I was a vision and a dream.

This was the dream
I dreamt that night,
When I woke up
The sun was shining bright….

# God vs Science

**Arun Misra**

The title, "God vs Science", is a misnomer, may be naive and far fetched.

The correct title should be, 'Christianity vs. Science" or "Bible vs Science", since genesis and Old Testament are involved. The statements like, "religion and science will always clash", and "religion without science is lame, and science without religion is blind" are kind of childish. I have watched the debate of creationism vs evolution in early 1970s in California (and wrote about it in those days) and the incorporation of creation theory in biology texts then. The resurgence of new 'intelligent design' all over the country now is really, "the old wine in new bottle". It is more for gathering popular votes for election, and less for intellectual pursuit of either religion or of science.

Over a billion Hindus, in India and elsewhere, who prefer to call their religion (way of life) "sanatan dharma" (eternal religion) believe that God created the universe, earth, and everything on it including human beings, and comes to help the mankind again and again as incarnation of the Supreme Lord. He has been here at least nine times in the form of fish, boar, lion, pigmy, Ram, Krishna Budha and others, --- like the progression of Darwinian Evolution. In addition, believing in dharma, artha, kama and moksa ---- the attributes of duty, wealth, sex and salvation, Hindus do not consider sex as sin, or God as single male, but always with a wife and consort. Hence no need for feminism. Woman was, in Hinduism, not created from the rib of a man, but by the same process, and from the same material, men were created with. In Hinduism, where not only 'humanism' but everything, animate or inanimate is sacred. Science and religion are not antagonistic, but two faces of the same coin, and have no conflict. Sanatan Dharma also considers all religions to be different paths to reach the same God.

**The conclusion that God is lot more incomprehensible than any religion has ever proposed, is brilliant, and the basic tenet of Hinduism.**

---

Arun Misra lives in Atlanta and can be reached at :
5005 Johns Creek Court, Alpharetta, GA 30022-5513
Phone:770/449-1796; E-Mail : misrausa@yahoo.com; Web : arunmisra.tripod.com

# ଉପଜୀବ୍ୟ

ଶ୍ରୀ ମନୋଜ କୁମାର ପଣ୍ଡା
ଡେଟ୍ରୋଏଟ୍, ମିଚିଗାନ୍, ଯୁକ୍ତରାଷ୍ଟ୍ର ଆମେରିକା

ଜନ୍ମ ର ଅଭୀପ୍ସା
ମୃତ୍ୟୁ ର ଜବନିକା
ତା' ମଧ୍ୟରେ ଆଶା, ପୂର୍ବାଶା ଓ ପ୍ରତ୍ୟାଶା ର
ଅବିରତ, ଆଗମନ ଓ ପ୍ରସ୍ଥାନ

କେବେ ବା ଅଗ୍ନିବର୍ଷା
ଆଉ କେବେ ସଦ୍ୟ ସ୍ନାତା
ସହକାରେ ପଲ୍ଲବିତ ବୃକ୍ଷେ କୋକିଳର ମଧୁର ନିନାଦ
ଅଥବା କାଦମ୍ବିନୀର ବଜ୍ର ନିର୍ଘୋଷେ ମେଦୁରିତ

କେତେଜେ ପରିବର୍ତ୍ତନ
ମୃଣ୍ମୟ ଶରୀରେ ବାଲ୍ୟ, କୈଶୋର ତଥା ଯୌବନର ଲୁଚକାଳି ଖେଳ
ବାର୍ଦ୍ଧକ୍ୟର ଭାରରେ ମେରୁଦଣ୍ଡ ଆନତ
ତେବେବି ଆଶାର ପୂର୍ଣତାରେ ଅବଶୋଷ

ଘଟାନ୍ତରରେ ଏ ସ୍ରୋତସ୍ୱୀନୀ ହୁଏ ନାହିଁ ଶୁଷ୍କ
ବହି ଚାଲେ ନୂତନ କୋଷର ଅନ୍ୱେଷଣରେ
ସେହି ଅସମାପ୍ତ ସ୍ୱପ୍ନାବଳିର ଚରିତାର୍ଥ ପାଇଁ
ନିକ୍ଷେପ କରେ ଜଣା ବା ଅଜଣା ଭାବେ
ଆବିର୍ଭାବ ଓ ତିରୋଭାବ ର ଦୁର୍ନିବାର ଚକ୍ରବ୍ୟୁହରେ

ସମ୍ୟ ପ୍ରବାହର ଅନନ୍ତ ଗତିରେ
ନିତ୍ୟ ନୂ ତନ ଦୃଷ୍ଟିକୋଣକୁ ନେଇ ଅଭିନୀତ ହୁଅ
ସଙ୍ଗ୍ରାମଜର୍ଜ୍ଜରିତ ଜୀବନ କାହାଣିର
ଶାଶ୍ୱତ ଉପଜୀବ୍ୟ ରୂପେ

# କଳାସ୍ୟାହି

ସଞ୍ଜୟ କୁମାର ବାଗ୍
ଦିଲ୍ଲୀ ୟୁନିଭର୍ସିଟି, ନୂଆ ଦିଲ୍ଲୀ

## ଗାନ୍ଧିଜୀ କହିଥିବା କଥା ଓ କିଛି ବୁଝିପାରୁନଥିବା ମୋ ବୁଢା ଦାଦା

ସେଶ ସ୍ୱାଧୀନ ହେଲା ଦିନ ଗାନ୍ଧିଜୀ ଥିଲେ ଆମ ଗାଁରେ । ବସିଥିଲେ ସ୍କୁଲ ପ୍ରାଙ୍ଗଣରେ ଥିବା ବରଗଛ ତଳେ । ସେପଟେ ସାରାଦେଶରେ ତିରଙ୍ଗା ଲହରୁଥିଲା, ରାଷ୍ଟ୍ରୀୟ ଗାନ୍‌ର ଧୁନ୍ ଶୁଭୁଥିଲା ଏବଂ ଗାନ୍ଧିଜୀ ହିଁ ଆମ ଗାଁ ଲୋକଙ୍କୁ ପ୍ରଥମେ କହିଥିଲେ ଦେଶ ସ୍ୱାଧୀନ ହେବା କଥା । ଏକଥା ଶୁଣି ଚମକି ପଡିଥିଲେ କେହି କେହି । ପଚାରିଥିଲେ, 'ଦେଶ କ'ଣ? ସ୍ୱାଧୀନତା କ'ଣ? କାରଣ ଆମ ଗାଁକୁ ସେପଟେ ଲହରୁଥିବା ତିରଙ୍ଗା ପତକା ଦେଖା ଯାଉ ନ ଥିଲା କି ବାଜୁଥିବା ରାଷ୍ଟ୍ରୀୟ ଗାନ୍‌ର ଧୁନ୍ ଶୁଭୁ ନ ଥିଲା । ଆମ ଉତ୍ତରରେ ଗାନ୍ଧିଜୀ କ'ଣ କ'ଣ କହିଥିଲେ କେହି ବୁଝିପାରି ନ ଥିଲେ ଠିକ୍ ସେ ଆମ ଗାଁର ଅନେକ ଲୋକ, ଏମିତି ଅନେକ କଥା ବୁଝିପାରନ୍ତି ନାହିଁ, କେବଳ ଆଁ କରି ଚାହିଁ ରହିବା ଛଡା । ତେବେ, ସେଦିନ କୁଆଡେ ଗାନ୍ଧିଜୀ କହିଥିଲେ, "ରାଜା ରାଜୁଡା ଶାସନ ଗଲା ! ଗଣତନ୍ତ୍ର ଆସିଥିଲା । ଏବେ ଭୋଟ୍ ହେବ । ନିଜେ ନିଜର ପ୍ରତିନିଧି ବାଛିବ । ନିଜେ ନିଜକୁ ଶାସନ କରିବ ।" ପରେ ପରେ ଗୌନ୍ତିଆ ସମସ୍ତଙ୍କୁ ସରଳ ଭାଷାରେ ଏକଥା ବୁଝେଇ ଦେଇଥିଲେ ।

'ରାଜା ରାଜୁଡା ଶାସନର ଯେ ଅନ୍ତ ହେଲା' କିଛି ବୁଝିପାରିନଥିଲେ ବୁଢାଦାଦା । ବୁଝିପାରିନଥିଲେ ଗାନ୍ଧିଜୀକୁ, ଗଣତନ୍ତ୍ରକୁ, ଏପରିକି ସେଶ ସ୍ୱାଧୀନ ହେବା କଥାଟା ବି । କାରଣ ଯେଉଁଦିନ ଗାନ୍ଧିଜୀ ଆମ ଗାଁକୁ ଆସିଥିଲେ ସେଦିନ ଗୌନ୍ତିଆ ଘର ଜମିରେ ତଳିରୁଆ ପାଇଁ କାଦୁଅ କରିବାରେ ବ୍ୟସ୍ତଥିଲେ ସେ । ୟା ତା ମୁହଁରୁ ଶୁଣିଥିଲେ ଯାହା ।

ଗାନ୍ଧିଜୀ କୁଆଡେ ବହୁତ ବଡଲୋକ ଥିଲେ । ସ୍ୱୟଂ ନାରାୟଣ ଯେପରି ବିଜେ କରିଥିଲେ ନର ଦେହରେ । ସେ ଚାଲିଗଲେ ପଦ୍ମ ଫୁଟୁଥିଲା । ସେ ହାତ ଟେକିଦେଲେ ଦୁଃଖୀର ଦୁଃଖ ଦୂର ହୋଇଯାଉଥିଲା । ସେ ଆଉଁସି ଦେଲେ ଭଲ ହୋଇଯାଉଥିଲା ରୋଗୀର ରୋଗ । କାଳୀୟ ଦଳନ କଲା ପରି ବ୍ରିଟିଶମାନଙ୍କୁ କୁଆଡେ ଦମନ କରିଥିଲେ ସେ । ଅତଏବ, ଆମ ଗାଁର ସମସ୍ତ ଲୋକ ବପଳି ହୋଇଥିଲେ ତାଙ୍କ ପଦଧୂଳି । ନିଜକୁ ଧନ୍ୟ ଧନ୍ୟ ମନେ କରିଥିଲେ । ଏତେ କଥା ଶୁଣିଲା ପରେ ଗାନ୍ଧିଜୀଙ୍କୁ ଥରେ ଦେଖିପାରିଲି ନାହିଁ,

ବୋଲି ବହୁତ ଦୁଃଖ କରିଥିଲେ ବୁଢାଦାଦା । ସେହି ଅଧରାତିରେ ହିଁ ଚାଲିଯାଇଥିଲେ ସ୍କୁଲ ପ୍ରାଙ୍ଗଣରେ ଥିବା ବରଗଛ ତଳକୁ । ଗାନ୍ଧିଜୀ ଯେଉଁଠି ବସିଥିଲେ, ସେଇଠୁ ରେଣୁ ନେଇ ମୁଣ୍ଡରେ ଲଗେଇ ଥିଲେ । ତଥାପି, ସାରା ରାତି ଭଲରେ ଶୋଇ ପାରି ନ ଥିଲେ । ସକାଳୁ ସକାଳୁ କାମରେ ଗଲାବେଳେ "ହଏ ମା'ପ୍ର, ଗାନ୍ଧି ମା'ପ୍ର ଆସିଥିଲେ, କାଣା କାଣା କହେଲେ? ମୁଇଁ ପାପୀ ତ ଶୁନି ନାଇଁ ପାର୍‌ଲି, ଦେଖି କି ନାଇଁ ପାରିଲି ତୁନେ !" ପଚାରିଥିଲେ ଗୌନ୍ତିଆଙ୍କୁ । "ହଏ, ହଏ ଗାନ୍ଧି ତ ତର୍ ସାଙ୍ଗେ କଥା ହେଲା ଲାଗି ଆସିଥିଲେ ନାଇଁ କାଏଁ? ଆର୍ ତୁଇ ଦେଖ୍ ତ କାହିଁ ଯାଇଥିଲୁ ଯେ, ତତେ ଖୋଜି ଖୋଜି ବିଚ୍‌ରା ଦୁଃଖିମନା ହି ଭାଗିଗଲେ ।" ଗୌନ୍ତିଆ ଚିହିଁକି ଉଠିଥିଲେ ତାସ୍ଲ୍ୟରେ । ତ ଚୁପ୍ ହୋଇଯାଇଥିଲେ ବୁଢାଦାଦା ।

ରାଜା ରାଜୁତା ଶାସନ ଥିଲା । ଗୌନ୍ତିଆ ଥିଲେ ସର୍ବେସର୍ବା । ହର୍ତ୍ତାକର୍ତ୍ତା, ଭାଗ୍ୟ ବିଧାତା । ତାଙ୍କ ଇସାରାରେ ହିଁ ଗାଁ ଉଠୁଥିଲା, ଆଉ ବସୁଥିଲା । ସେ କିଛି କହିଲେ କେହି ଅମାନ୍ୟ କରିବାର ଜୁ ବି ନ ଥିଲା । ଗୌନ୍ତିଆ ହିଁ ଥିଲେ ଗାଁର ରାଜା । ଶହ ଶହ ଏକର ଜମିଥିଲା ତାଙ୍କର । ସବୁ ସୁଖବାସୀ, ରଇତ ପ୍ରଜା ତାଙ୍କ ଜମି ଚାଷ କରିବାରେ ସହଯୋଗ କରୁଥିଲେ । ଭୁତି ମାଗିବା କଥା? "ନାଇଁରେ ବୁଆ !" ଗୌନ୍ତିଆ ଚାହିଁଲେ କୋଉଠି ବି ମୁଣ୍ଡ ଗୁଞ୍ଜିବାକୁ ଥାନ ମିଳିବ ନାହିଁ ଏ ଖଣ୍ଡମଣ୍ଡଳରେ । ବୁଢାଦାଦା ବି ନିଜ ଚାଷ ଛାଡି ଗୌନ୍ତିଆଙ୍କ ଜମିରେ କାଦୁଅ କରିବାକୁ ଯାଇଥିଲେ । ତାଙ୍କ ଶୁଭଦୃଷ୍ଟି ନ ହେଲେ ଏ ଜମି ଖଣ୍ଡକ ବିଯିବ ଯେ । ପୁଣି, ଗୌନ୍ତିଆଙ୍କ ପାଖରେ ଗୋଠି ଖଟିବା କି ନୂଆ? ଏ ଗୌନ୍ତିଆ ପ୍ରଥମେ ନଥିଲେ ଆମ ଗାଁରେ । ରାଜା ହିଁ କୁଆଡୁ ଆଣି ଥୋଇଥିଲେ ତାଙ୍କୁ । ଗୌନ୍ତିଆ ବ୍ରାହ୍ମଣ ଥିଲେ, ଦେବ ପ୍ରତିମା ଥିଲେ, ରାଜାଙ୍କ ଅତିପାରୁଶରେ ଥିଲେ । ସଭିଏଁ ମହାପ୍ରଭୁ ପରି ମାନୁଥିଲେ ତାଙ୍କୁ । ଅତଏବ, ତାଙ୍କ ସଙ୍ଗେ ମୁହଁ ଲଗେଇବାର ଭୁଲ ବୁଝିପାରିଥିଲେ ବୁଢାଦାଦା ।

'ରାଜା ରାଜୁତା ଶାସନ ଥିଲା । ଗଣତନ୍ତ୍ର ଆସିଲା ।' ଏକଥା ଅନେକ ଦିନ ଚାହିଁକି ବି ବୁଢାଦା ବୁଝିପାରିଲେ ନାହିଁ । ବେଳେବେଳେ ଜଣେ ଅଧେ କାହାକୁ ପଚାରୁଥିଲେ ଗାନ୍ଧିଜୀ କହିଥିବା କଥା ବିଷୟରେ । ପଚାରୁଥିଲେ ଗଣତନ୍ତ୍ର ବିଷୟରେ, ସ୍ୱାଧୀନତା ବିଷୟରେ । ହେଲେ, କୋଉଠୁ ପାଇ ପାରୁନଥିଲେ ସଠିକ୍ ଉତ୍ତର । ମଝିରେ ମଝିରେ ସବୁବେଳେ ଗୌନ୍ତିଆ ଡାକି ଦଉଥିଲେ କାମ କରିବା ପାଇଁ । ଆଦୌ ଇଚ୍ଛା ନ ଥିଲେ ବି, ଶହେ ଅଦୁବିଧାଥିଲେ ବି ଧାଇଁ ଯିବାକୁ ପଡୁଥିଲା ତାଙ୍କୁ ।

ପର ପରେ ସଫା ଚିକ୍ ଚିକ୍ ଖଦଡ ପିନ୍ଧା ଲୋକ ସବୁ ଆସିଥିଲେ ଗାଁକୁ । ଗାନ୍ଧିଜୀଙ୍କ ପରି କହିଥିଲେ, 'ରାଜା ରାଜୁଡା ଶାସନ ଗଲା । ଗଣତନ୍ତ୍ର ଆସିଲା ।' ତାହା ସହିତ ବଡବଡ ଭାଷଣ ବି ଦେଇଥିଲେ । ଜିନ୍ଦାବାଦ, ଜିନ୍ଦାବଦ କରିଥିଲେ । କହିଥିଲେ, 'ଭୋଟ ଦିଅ, ଭୋଟ ଦିଅ ।' ଏ ଖଦଡ ପିନ୍ଧା ବାବୁମାନଙ୍କ ଭାଷଣ ଏ ସ୍ଲୋଗାନରୁ ବି ବୁଢାଦାଦା ବୁଝିପାରିନଥିଲେ କିଛି । ଅନ୍ୟ ଅନେକକଙ୍କ ପରି ଆଁ କରି ଚାହିଁ ରହିଥିଲେ ଖାଲି ।

ଭୋଟ୍ ବୋଲି ଚିଜଟେ ଆସିଲା, ଏ କଥା ବୁଢାଦାଦା ବୁଝି ଯାଉଥିଲେ, ଯେଉଁ ଦିନ ମୋହର ଲଗାଇଲେ ହାତରେ, ଓ ତାଙ୍କ ତର୍ଜ୍ଜନୀ ଟିପରେ କଳାସ୍ୟାହି ଲାଗିଲା । କୁଆଡେ ଭାରି ଖୁସି ହୋଇଯାଇଥିଲେ ସେଦିନ । ସମସ୍ତଙ୍କ ପାଖକୁ ଯାଇ ତର୍ଜ୍ଜନୀ ଦେଖେଇ କହୁଥିଲେ, 'ଦେଖ୍, ମୁହିଁ ଭୋଟ୍ ଦି'କରି ଆସିଛେଁ ।' ଆଉ, ସେହି ତର୍ଜ୍ଜନୀ ଟିପର କଳାସ୍ୟାହି ହିଁ ବୁଢାଦାଦା ପାଇଁ ଥିଲା ଗଣତନ୍ତ୍ର, ଥିଲା ସ୍ୱାଧୀନତା ।

ଦେଶ ସ୍ୱାଧିନ ହେଲା । ଗାନ୍ଧିଜୀ ଆମ ଗାଁକୁ ଆସି ଯେଉଁ ସ୍କୁଲ ପ୍ରାଙ୍ଗଣରେ ସଭା କରିଥିଲେ ବୋଟ ବି ଦିଆଯାଉଥିଲା ସେଇଠି । ଅତେବ, ବୁଢାଦାଦା କୃତକୃତ ହୋଇ ଯାଇଥିଲେ । ଭୋଟ୍ ଦେବା ଆଗରୁ ଗାନ୍ଧିଜୀ କହିଥିବା କଥା ବରଗଛ ତଳକୁ ଯାଇ ମୁଣ୍ଡିଆଟେ ବି ମାରିଥିଲେ । ପାପ ଚକ୍ଷରେ ଦେଖି ପାରିଲିନି ବୋଲି ଝୁରି ହୋଇଥିଲେ । ଲୁହ ଝରେଇଥିଲେ ।

ବୋଟ୍ ଦେବା ଦିନ ବୁଢାଦାଦାକି କେହି ଜଣେ କହିଥିଲା ଗାନ୍ଧିଜୀ ପୁଣିଥରେ ଆସିବେ । ପୁଣିଥରେ ଦେଶ ବିଷୟରେ ବୁଝିଏଇବେ । ବୁଝେଇବେ କେମିତି ନିଜେ ନିଜ ପ୍ରତିନିଧି ବାଛିବେ । କେମିତି ନିଜ ପାଇଁ ନିଜର ସରକାର ଗଢିବେ । ବୁଢାଦାଦା ଏତକି ଶୁଣି ଆହୁରି କୃତ କୃତ ହିଇଯାଇଥିଲେ । ପଡା ସାରା ବୋଟ୍ ଦେଇ ଆସିବାକୁ କହି ବୁଲିଥିଲେ । ଭାବିଥିଲେ ଏଥର ଗାନ୍ଧିଜୀ ଆସିଲେ ହଜାର କାମ ଛାଡି ଯିବେ ଦର୍ଶନ କରିବାପାଇଁ । ପାଦ ଧୂଳି ନେବେ । ସବୁକଥା ଶୁଣିବେ । ସତକୁ ସତ, ବୁଢାଦାଦା ଭାବୁଥିଲେ, ଗାନ୍ଧିଜୀ ପୁଣିଥରେ ନିଶ୍ଚୟ ଆସିବେ ।

ଗାନ୍ଧିଜୀ କିନ୍ତୁ ଆଉ ଆସିନଥିଲେ । ସେଇ ଦେଶ ସ୍ୱାଧୀନ ହେଲା ଦିନ ଆସିଥିଲେ ଯାହା । ହେଲେ, ଗାନ୍ଧିଜୀଙ୍କ ଆସିବା ପଥକୁ ଚାହିଁ ରହିଥିଲେ ବୁଢାଦାଦା ଚାତକ ପରି ।

<u>ନବଗୁଣ ପଇଡା, ମା' ବୃନ୍ଦାବତୀ, ଓ ପୂର୍ବଜନ୍ମର ପୂଣ୍ୟ:</u>

ଗାନ୍ଧିଜୀ ଆମ ଗାଁକୁ ଆସିଥିଲା ଦିନ ତାଙ୍କ ଅତିପାଖରେ ବସି ଜିଏ ବେଶୀ କଥାବାର୍ତ୍ତା କରିଥିଲେ ସେ ହେଉଛନ୍ତି ଗୌନ୍ତିଆ । ଗାନ୍ଧିଜୀଙ୍କ ପରି ମହାନ ପୁରୁଷଙ୍କ ପାଖରେ ବସିବାର ସାହାସ ମଧ୍ୟ ଆଉ କାହାର ନ ଥିଲା । ଗୌନ୍ତିଆ ଗାନ୍ଧିଜୀଙ୍କ ସହ ଦେଶ ବିଷୟରେ, ସ୍ୱାଧୀନତା ବିଷୟରେ, ଗଣତନ୍ତ୍ର ବିଷୟରେ ବହୁତ ଚର୍ଚ୍ଚା କରିଥିଲେ । ଏତେ କଥା ହୋଇଥିଲେ ବୋଲି ପରେ ପରେ ଆମ ଗାଁର ଲୋକମାନଙ୍କୁ ବି ବୁଝେଇ ବି ପାରିଥିଲେ ସରଳ ଭାଷାରେ । କଥାବାର୍ତ୍ତା କଲାବେଳେ ଅତି ଆଦରରେ ଗାନ୍ଧିଜୀ ଗୌନ୍ତିଆଙ୍କ ଡଡଡଡଡଡଡଡ ଡଡଡଡଡଡଡଡ ଡଡଡଡଡଡଡଡ ସେଦିନ ଗାଁ ଯାକରେ ଲୋକ ଗୌନ୍ତିଆଙ୍କ ବିଜ୍ଞପଣ, ପାରିବା ଗୁଣ ଦେଖି ଚକିତ ହୋଇ ଯାଇଥିଲେ । ଦଶ ଏଆଡ ଦୂରରୁ ତାଙ୍କୁ ଯେଉଁ ଜୁହାର ହେଉଥିଲେ, ତାର ମହତ୍ତ୍ୱ ବି ବୁଝିପାରିଥିଲେ ।

ବୋଟ୍ ଆସିଲା ବେଳେ ଗୌନ୍ତିଆ ବାହାରି ଆସୁଥିଲେ ପଦାକୁ । ତାଙ୍କ ଗୌନ୍ତିଆ ଠାଣିକୁ ଖଦଡ ମଧ୍ୟ ମାନୁଥିଲା ଖୁବ୍ । ଏମିତି ବି ସାରା ଗାଁର ମୁଣ୍ଡ ସିଏ । ଗାଁରେ ତାଙ୍କୁ ଅମାନ୍ୟ କଲାଭଳି ଲୋକ ବି କେହି ନ ଥିଲେ । ଗାଁ ଯାକର ବୁଝିବା, ନ ବୁଝିବା, ଓ ସମସ୍ତେ ଆଁ କରି ଚାହିଁ ରହିଥିବା ଲୋକ ଏ କଥା ବିଝି ଯାଇଥିଲେ ମର୍ମେ ମର୍ମେ । ସେ ବାରି ହୋଇ ଯାଉଥିଲେ ସମସ୍ତଙ୍କ ପାଇଁ ନିଜ ପ୍ରତିନିଧି ନିଜେ ବାଛିବା ବେଳେ । ସତକଥା କହିବାକୁ ଗଲେ ତାଙ୍କୁ ଛାଡି ଦେଲେ ପ୍ରତିନିଧିତ୍ୱ କଲାଭଳି ଲୋକ ବି ଆଉ କେହି ନ ଥିଲେ । ଓ ତର୍ଜନୀ ଟିପରେ କଳାସ୍ୟାହି ଲାଗୁଥିଲା ତାଙ୍କ ଇଚ୍ଛାରେ । ଏମିତି ବି ସିଏ ଖଦ୍ କଥା ଲାଗିଥିଲେ, ଗାନ୍ଧିଜୀଙ୍କ ସହ ସ୍ୱାଧୀନତା ବିଷୟରେ, ଏ ସ୍ୱାଧୀନତା ବିଷୟରେ, ଏ ଗଣତନ୍ତ୍ର ବିଷୟରେ, ଏ ଭୋଟ୍ ବିଷୟରେ । ଅତଏବ, ସିଏ ଯାହାକୁ କହିବେ ତାକୁ ଭୋଟ୍ ନ ଦେଇ ଆଉ କାହାକୁ ବି ଦିଆଯାଇପାରେ ଏ କଥା କହି ଭାବି ପାରୁ ନ ଥିଲେ ।

ବୁଢାଦା କହୁଥିଲେ, ଥରେ ଗୌନ୍ତିଆ କୁଆଡେ ଆସିଥିଲେ ଆମ ପଡାକୁ । ଆଉ ଆମ ପଡାର ଲୋକ ସେଦିନ ପ୍ରଥମ କରି ବୁଝିଥିଲେ ଗାନ୍ଧିଜୀ ଯେଉଁ ସ୍ୱାଧିନତା କଥା କହୁଥିଲେ ତାହା ସତ । ନ ହେଲେ ଗୌନ୍ତିଆ ଆସନ୍ତେ କାହିଁକିଷ୍ଣ ଆଗରୁ ଯେବେ ବି କାହା ପାଖରେ କିଛି କାମ ପଡିଲେ ହଳିଆକୁ ପଠେଇ ଦେଉଥିଲେ । ହଳିଆ ଡାକି ଦେଇଗଲେ କାମ ସରିଲା । ହଜାରେ କାମ ଥିଲେ ମଧ୍ୟ ଛାଡି ଦେଇଯିବାକୁ ପଡୁଥିଲା । ହଁ, ସେଦିନ ଗୌନ୍ତିଆ କହିଥିଲେ, 'ଇ ଚିହ୍ନୋନ୍ ଭୋଟ୍ ଦେବ । ଇ ଚିହ୍ନା ଏକା ତମର ସବୁରେ ବାବୁ । ଇନେ ଭୋଟ୍ଦେଲେ ଦେଶ୍ ବଦଲି ଯିବା । ଦେଶନେ ସୁନା ଫଳ୍‌ବା ।' ବୁଢାଦାଦା କହୁଥିଲେ ଆମ ପଡାର ଲୋକ କେହି ବି ଦେଖି ନ ଥିଲେ କ' ଣ ସେ ଚିହ୍ନ । ତଥାପି ଏକ ସ୍ୱରରେ କହି ଉଠିଥିଲେ, 'ହଏ ମା'ପ୍ରୁ ତମେ ଯାହା କହିବ ହେଟା କର୍‌ମୁ । ମୁଇଁ ନାହିଁ କହେବାର, ଗାନ୍ଧିଜୀ କହି ଯାଇଛନ୍ । ଇ ଚିହ୍ନା

ଗାନ୍ଧିଜୀର ଚିହ୍ନା ଆଏ । ତାକେ ଭପଟ୍ ଦେବାକେ କହୁଛେଁ !' ପୁଣିଥରେ କହିଥିଲେ ଗୌନ୍ତିଆ । ମନେ ପକେଇ ଦେଇଥିଲେ ଗାନ୍ଧିଜୀଙ୍କ କଥା । ଏବଂ ଗାନ୍ଧିଜୀଙ୍କ ନାମ ଯଥେଷ୍ଟ ଥିଲା । ଲୋକେ ବିହ୍ୱଳ ହୋଇ ଉଠିଥିଲେ ତତତତତତତତତତତତତତତତ । କରି ପାରିଥିଲେ ସବୁ କିଛି । ନିଜନିଜ ପ୍ରତିନିଧି ବାଛିବାରେ ଶତ ଉତ୍ସାହିତ ହୋଇ ଉଠିଥିଲେ । ସମସ୍ତଙ୍କ ତର୍ଜନୀ ଟିପରେ କଳାସ୍ୟାହି ଲାଗୁଥିଲା । ଗାନ୍ଧିଜୀଙ୍କ ନାଁରେ ଲୋକେ ଗହ ଗହ ହୋଇ ଯାଇଥିଲେ ।

ଏମିତି ଦିନେ ଗୌନ୍ତିଆ ତାଙ୍କ ନବଗୁଣ ପଇତା କାଢି ଛୁଆଁଇ ଦେଇଥିଲେ ଜଣଜଣ କତି । ରାଣ କରାଇଥିଲେ ଭୋଟ୍ ଦେବା ପାଇଁ । ଆମ ପଡାର ଲୋକ ସବୁ ତଟସ୍ଥ ହୋଇ ଯାଇଥିଲେ ଏ ଘଟଣାରେ । ସତକଥା, ସତକଥା ଏହା ହିଁ ସ୍ୱାଧୀନତା । ଯୋଉ ଗୌନ୍ତିଆଙ୍କୁ ଦଶହାତ ଦୂରରୁ ଉଳଗି ହେବାକୁ ପଡୁଥିଲା ସେ ତାଙ୍କ ପଇତା କାଢି ଦେଉଛନ୍ତି । ଆହା ... ଆହା ..., ତର୍ଜନୀ ଟିପରେ କଳାସ୍ୟାହି ଲଗେଇଲା ବେଳେ ପଆଉ ଲୋକଙ୍କୁ କିଛି ଦିଶୁ ନ ଥିଲା । ବୁଢାଦାଦା ଏକଥା କହୁଥିଲା ବେଳେ ପରା କାହାଣୀ ଶୁଣିଲା ପରି ଲାଗୁଥିଲା ଆମକୁ । କହୁଥିଲେ, 'କେନ୍ ଜନମରୁ କେନ ପୁଇନ୍ନ ଖଣେ ଥିଲା ଯେରେ ବାବୁ ଗୌନ୍ତିଆଙ୍କ ନବଗୁଣ ପଏତା ଛୁଇଁବାର ଭାଏଗ୍ ମିଲିଲା ଇ ଜନ୍‌ମେ !' ଏବଂ ଗୌନ୍ତିଆଙ୍କ ନବଗୁଣ ପଇତାରେ ବସିଥିବା ନବଦେବଙ୍କ ଗୁଣ ବଖାଣି ଥିଲେ । ତାଙ୍କୁ କି ଏତେ କଥା ଜଣାଥିଲା? ସତ କହିବାକୁ ଗଲେ ଗଣତନ୍ତ୍ର ଯୋଗୁଁ ମିଳିଥିବା ସୌଭାଗ୍ୟ ଓ ନିଜ ପୂର୍ବ ସୁକୃତ ଯୋଗୁଁ କୃତ କୃତ ବି ହଉଥିଲେ । ମନେ ମନେ ଗାନ୍ଧିଜୀଙ୍କୁ ପ୍ରଣିପାତ କରୁଥିଲେ ।

ଗାନ୍ଧିଜୀଙ୍କ ସହିତ ମିଶିଲା ପରେ, ପାଖରେ ବସି କଥାବାର୍ତ୍ତା କଲା ପରେ ବହୁବେଳେ ଗାନ୍ଧିଜୀଙ୍କ ପରି ହିଁ ଲାଗୁଥିଲେ । ଗାନ୍ଧିଜୀ ତ ଏମିତି ଥରେ ଆସି ସ୍ୱାଧୀନତା ବିଷୟରେ କହିଦେଇ ଚାଲିଗଲେ । ହେଲେ, ଗୌନ୍ତିଆ ବରାବର ଆସୁଥିଲେ ବୁଝଉଥିଲେ ଏସବୁ । ଗୌନ୍ତିଆ ଏତେ ବଦଳିଯାଇଥିଲେ ଯେ ଜିଅ ବୋହୁମାନଙ୍କୁ ବି ଡାକି ଭୋଟ୍ ବିଷୟରେ, ସ୍ୱାଧୀନତା ବିଷୟରେ କହିବାକୁ ଲାଗିଲେ । ସମସ୍ତେ କ'ଣ ଗାନ୍ଧିଜୀଙ୍କ ପାଖକୁ ଯାଇ ଏତେ କଥା ଶୁଣିଥିଲେ, ନା ବୁଝିଥିଲେ । ଅତଏବ, ମନ୍‌ମୁଗ୍ଧ ହୋଇ ଉଠୁଥିଲେ ଏସବୁ ଶୁଣି । ଏମିତି ବି ସେ ଗୌନ୍ତିଆ ଥିଲେ । ତାଙ୍କୁ ଅମାନ୍ୟ କରିବା କଥାନୁହେଁ କେବେ । ଗଣତନ୍ତ୍ର କଥା ବୁଝେଇଲା ବେଳେ ତୁଳସୀ ଚଉରାଟିଏ ଆପ୍‌ନା କରି ସବୁ ଝିଅ ବୋହୁ ମାନଙ୍କୁ ଛିଡା କରି ଦେଇଥିଲେ ପାଖରେ ଓ ଠିକ୍ ବେଳକୁ ମା' ବୃନ୍ଦାବତୀଙ୍କ ଠାରେ କିରିତନ କରାଇଥିଲେ ସେ କହୁଥିବା ଚିହ୍ନରେ ଭୋଟ୍ ଦେବାକୁ । ତମ ପଡାରେ ମା ବୃନ୍ଦାବତୀ । ଆମ ପଡାର ଝିଅ ବୋହୁ ଗୁଡାକ ଚକିତ ହୋଇଯାଇଥିଲେ ପ୍ରଥମେ । ବୃନ୍ଦାବତୀ ମୂଳେ ପାଣି ଢାଳିବା,ଧୂପ ଦୀପ ଦେବା ଭଳି ସୌଭାଗ୍ୟ ଯେ

ମିଳିଛି ବିଶ୍ୱାସ କରିପାରୁ ନଥିଲେ କେହି । ଗୌନ୍ତିଆ, ନା' ଗାନ୍ଧିଜୀଙ୍କ ପାଖରେ, ଭାବିପାରୁ ନଥିଲେ କାହାପାଖରେ କେମିତି କୃତଜ୍ଞତା ଜଣାଇବେ ? ରୋକି ପାରୁ ନଥିଲେ ନିଜ ନିଜ ଖୁସି ଓ ସୁଖକୁ । କହି ପାରୁ ନଥିଲେ କାହା ପାଖରେ ନିଜର ଅମାପ ସନ୍ତୋଷକୁ, କଳାସ୍ୟାହି ଲଗେଇଲା ବେଳେ ମା' ବୃନ୍ଦାବତୀ ବି ସମସ୍ତଙ୍କ ତର୍ଜନୀ ଟିପରେ ବସି ଯାଉଥିଲେ । ହୁଳୁହୁଳୁ ପଡିଲା ପର ଭୋଟ୍ ପଡୁଥିଲା ଏକାଥରେ । ବୁଢାଦାଦା କହୁଥିଲେ, ସେତେବେଳେ ଆମ ପଡାର ସମସ୍ତେ କି ଖୁସିରେ ନ ଥିଲେ ସତରେ । ଏକେ ତ ନବଗୁଣ ପଉତାକୁ ସ୍ୱର୍ଗ କରିବାର ସୌଭାଗ୍ୟ, ଦୁଃଜ ମା' ବୃନ୍ଦାବତୀଙ୍କ ବିଷୟ, ଅତଏବ ସଭିଏଁ ଖୁସିରେ କୁରୁଳି ଉଠିଥିଲେ ।

ଗାନ୍ଧିଜୀ ଆସିଥିଲା ଦିନ ବେ ଏହିପରି ସମସ୍ତେ ଖୁସି ଥିଲେ ଯଦିଏ ବୁଝିପାରି ନଥିଲେ କିଛି । ଆଉ ଏମିତି ଭୋଟ୍ ଦେଲା ବେଳେ ଗାନ୍ଧିଜୀ ପୁଣିଥରେ ଆସିବା ବାଟକୁ ଅନେଉ ରହୁଥିଲେ ।

<u>ପୁଣିଥରେ ଗଧ ପାଦରେ ଶ୍ରୀକୃଷ୍ଣ: ସାଧୁ ସାଧୁ ମହାଜନ:</u>

ଯା' କହ ଗାନ୍ଧିଜୀଙ୍କ କଥାରେ କିନ୍ତୁ କୁହୁକ ଥିଲା । ସଫା ଚିକ୍ ଚିକ୍ ଖଦଡର ରଙ୍ଗ ମଧ୍ୟ ଥିଲା ସମସ୍ତଙ୍କ ପାଇଁ ମନଲୋଭା । କେବଳ ଗୌନ୍ତିଆ ନୁହନ୍ତି, ଭୋଟ୍ ଆସିଲେ ଏଥର ଆମ ଗାଁର ବହୁଲୋକ ବାହାରି ଆସୁଥିଲେ ଦାଣ୍ଡକୁ । ଆଁ କରି ଚାହିଁ ରହିଥିବା, କିଛି ବୁଝିପାରୁ ନ ଥିବା ଲୋକଙ୍କୁ କହୁଥିଲେ ଗଣତନ୍ତ୍ର କଥା । ଭୋଟ୍ କଥା ।

ଏମିତି ଦିନେ ହରିସାର୍‌ଙ୍କ ପୁଅ ବି ଖଦଡ ପିନ୍ଧି ବାହାରି ଆସିଥିଲେ ।ମୁଁ ସପ୍ତମ ଶ୍ରେଣୀରେ ପଢୁଥିଲା ବେଳେ ହରିସାର୍ ଆମ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଥିଲେ । ସେ ଦିନେ ସାହିତ୍ୟ ପଢାଉଥିଲା ବେଳେ ଭୋଟ୍‌କୁ ଏକ ଋତୁ ସହ ବର୍ଣ୍ଣନା କରି ଆମକୁ କହିଥିଲେ, ଏଇ ଋତୁଟି ବସନ୍ତ ଋତୁଠାରୁ ବି ମାଦକ ଭରା, ବଡ ସୁଃଖଦାୟକ । ଆମେ ସେତେବେଳେ ଜାଣିପାରିନଥିଲୁ, ଏ ଋତୁର ମହକ କ'ଣ । କାରଣ ଆମକୁ ଅଠର ବର୍ଷ ହୋଇ ନ ଥିଲା, ଆମେ ସାବାଳକ ନ ଥିଲୁ । ତେବେ ମାଇକ୍‌ରେ ବାଜୁଥିବା ଗୀତ, ଗାଡିରେ ଉଡୁଥିବା ପତାକା ଦେଖି ଖୁସି ହୋଇଯାଉଥିଲୁ । ଭାବୁଥିଲୁ, ଆଜି ରାତିକ ଭିତରେ ଅଠର ବର୍ଷ ହୋଇଯାନ୍ତା କି ଆମକୁ ଭୋଟ୍ ପରି ଅ ବର୍ଷର ଋତୁଟିକ ତତତତତତ । ତେବେ ଏମିତି କୋଉଠି କିଛି ହୁଏନି, କି ଆଖ ପାଇଁ ମଧ୍ୟ ହେବାର ନ ଥିଲା । ସେଦିନ ହିଁ ମୁଁ ସ୍କୁଲରୁ ଫେରି ଗଳ ଗଳ ହୋଇ କହିଯାଇଥିଲି ବୁଢାଦାଦାଙ୍କ ପାଖରେ ହରିସାର୍ କହିଥିବା କଥ । ବୁଢାଦାଦା ହସିଥିଲେ ବଡ ବିଚିତ୍ର ହସ । ବୋଧେ, ବୁଢାଦାଦା ହରିସାର୍‌ଙ୍କ କଥା ମଧ୍ୟ ଠିକ୍ ସେ ବୁଝିପାରିନଥିଲେ ।

ଗୌନ୍ତିଆଙ୍କ ପରେ ପରେ ହରିସାର୍‌ଙ୍କ ପୁଅ ହିଁ ପ୍ରତିନିଧି ହେଲା ପରି ବାରି ହୋଇଯାଇଥିଲେ ଗାଁ ଲୋକଙ୍କ ପାଇଁ । ଗାଁ ଗାଁ, ପଡା ପଡା ବୁଲି ଭାଷଣ ଦେଉଥିଲେ । ଭୋଟ୍‌ର ମହତ୍ତ୍ୱ ଭଲ ବୁଝଉଥିଲେ । ଏମିତି ଥରେ ଭାଷଣ ଦଉଦଉ କହି ପକାଇଥିଲେ ଆମ ପଡାରେ, “ଭୋକ ଲାଗ୍‌ଲାନା ଗୋ କକା, ଖାଇବା ବଇବାକେ । ଅଛେ ବଏଲେ ଦିଅନି କାଏଁ ଯେ ।“ ଏ କଥା ଶୁଣି ଚମକି ପଡିଥିଲେ ସମସ୍ତେ । ଏ କଳି କାଳରେ କ’ଣ ନ ଘଟୁଛି ଭାବି ଭାଳି ହୋଇଥିଲେ ବୁଢା ମାନେ । ଥରେ ଗୌନ୍ତିଆ ଆସିଥିଲେ, ପଇତାଯାଏଁ ସ୍ୱର୍ଗ କରିବା ର ସୌଭାଗ୍ୟ ପାଉଥିଲି ଆମେ । ତୁଳସୀ ଚଉରା ଯାଏଁ ଥାପନା ହେଲା ଏ ଯେ ଗଣତନ୍ତ୍ର କ’ଣ, ଓଃ କି କୁହୁକ କରିପାରେ ଭାବି ହଉଥିଲେ ଖାଲି । ଗାନ୍ଧିଜୀ କ’ଣ ଏସବୁ କହି ଯାଇଥିଲେ? ହା ଗାନ୍ଧୀ … ହା ଗାନ୍ଧୀ … ସଭିଏଁ ଝୁରି ହଉଥିଲେ ଅନ୍ତର୍ଗତେ । ଆଜି ପୁଣି ହରି ମାଷ୍ଟ୍ରେଙ୍କ ପୁଅ କହୁଛି ଖାଇବ । ହରି ମାଷ୍ଟ୍ରେଙ୍କ ପୁଅ ହଉଛନ୍ତି ଖୋଦ୍ ଗୌନ୍ତିଆଙ୍କ ପୁତୁରା । ଅତଏବ, ତମ ପଡାରେ ପୁଣି ବ୍ରାହ୍ମଣର ଭୋଜନ? ’ଓହୋ, କି ପାପ ପଙ୍କରେ ବୁଡଉଛ ଠାକୁରେ ।’ ଆମ ପଡାର ଲୋକ ତ୍ରାହି ତ୍ରାହି ଡାକୁଥିଲେ । ହେଲେ ବାବୁ ବୁଝିବାକୁ ନାରାଜ । ଯେମିତି ହଉ ଖାଇକି ହିଁ ଯିବେ । କହିଲେ ’ଗାନ୍ଧିଜୀ ପରା କହିଯାଇଛନ୍ ଛୁଆଁ ଅଛୁଆଁ କାହିଁ ନାଇନା । ତମ୍ ବାମନ୍ ସଭେ ସମାନ୍ । କାଣାକେ ଏତେ ଭାବି ହଉଚ ତମେମାନେ ।’ ଗାନ୍ଧିଜୀ ତ ଅନେକ କଥା କହିଯାଇଥିଲେ ହେଲେ, କିଏ ଏତେ କଥା ବୁଝିଥିଲା ଯେ’?  ସମସ୍ତେ ବଡ ସ୍ୱନ୍ଦରେ ପଡି ଯାଇଥିଲେ । ପୁଣି ଠାକୁରେ ବ୍ରାହ୍ମଣକୁ ପରା ଦିବ୍ୟଭୋଜନ ଦିଆଯାଏ? କୁଆଡୁ ପାଇବୁ ଆମେ । ବାବୁ ହସିଲେ, “ପେଜ ତୋରାଣି ଯାହା ବି ଅଛି ଆନ, ଦିଅ ।“ ଗଣତନ୍ତ୍ର ପୁଣି ଏତେ କଥା କରିପାରେ?“ ’ହଏହୋ ବାବୁମାନେ ଗାନ୍ଧିଜୀ ପରେ ସେଥର ତମର ମଧୁ ଘରେ ପେଜ୍ ଆର୍ ଗୁଜି ଶାଗ ଖାଇଥିଲେ । ତମର ମାନ୍‌କର ମନେ ନାଇଁ କି କାଣା ଓହୋ … ଦୁନିଆଁ ବଦଳି ଗଲାମାରେ ବାଇଉ, ଆମେ ତ ବାମନ୍ ଲୋକ ହେତେ କଥା ନାଇଁ ଧରିବାର, ତମେ କାଏଁ ଯେ ଭାବୁଛ ହରିମାଷ୍ଟ୍ରେଙ୍କ ପୁଅ ପୁଣିଥରେ ଗାନ୍ଧିଜୀ ଆସିଥିଲା ଦିନକଥା ମନେପକେଇ ଦେଇଥିଲା । ମଧୁ ନଥିଲା ସେତେବେଳେ । ଏତେ ମହାର୍ଘ ତତତତଘଟିଯାଇଛି ତଥାପି କେହି ମନେରଖିନଥିଲେ । ଏଣୁ, ମୁହଁ ପୋତି ଦେଇଥିଲେ ସମସ୍ତେ ଲଜ୍ଜାରେ । ସତକୁ ସତ ହରିମାଷ୍ଟ୍ରେଙ୍କ ପୁଅ ସେଦିନ କରିଘାରୁ ପେଜି ଓ ଶୁଖୁଆ ପୋଡା ଖାଇକି ହିଁ ଯାଇଥିଲେ ।

ସେପଟେ ଗୌନ୍ତିଆ ଘରେ ହରିମାଷ୍ଟ୍ରେଙ୍କ ଘରେ, ତାଙ୍କ ପଡୋସୀ ସେପଟେ ଗୌନ୍ତିଆଙ୍କ ଘରେ, ହରିମାଷ୍ଟ୍ରେଙ୍କ ଘରେ, ତାଙ୍କ ପଡାସାରା ହୁରି ପଡିଥିଲା । ବାବୁ ଖାଦ୍ୟ ଗ୍ରହଣ କଲେ ’ବଡପଡା’ରେ । ଯେଉଁ ଭାଣ୍ଡରେ ସୁରା ପଡେ ସେ ଭାଣ୍ଡ ଶତେକ ଜନ୍ମ ଯାଏଁ ଶୁଦ୍ଧ ନୁହେଁ । ଏ ଅନ୍ନ ତ ସୁରାଠୁ ବଳି । ସମ୍ସ୍ତେ ବାବୁଙ୍କୁ ଗାଳି କଲେ ।

ବାବୁ ହସିଲେ, କହିଲେ, ''ବିରୋଧୀ ଦଳ ଟୋକାଟା ଯାଇ ବ୍ରାହ୍ମଣଟାକୁ କାହିଁକି ଭୋଟ୍ ଦେବ କହି ଭଡକେଇ ସାରିଲାଣି । ଯିଏ ତମର ଛାଇ ମାଡୁ ନଥିଲେ, ଯିଏ ତମମାନଙ୍କୁ ପଶୁଠାରୁ ବି ହୀନ ଚକ୍ଷୁରେ ଦେଖି ଆସୁଛନ୍ତି ଆଜିଯାଏଁ, ତାଙ୍କୁ ଭୋଟ୍ ଦେବ ତମେମାନେ ? ଆଜି ତମ ଘରେ ଆସି ଟିକିଏ ବସିଗଲେ କି ତୁମ ଦୁଆର ମୁହଁରେ ଟିକେ ଠିଆ ହୋଇ ଚାଲିଗଲେ ବୋଲି ହଜାର ବର୍ଷ ଧରି ତମକୁ ଯେଉଁ ଅଜ୍ଞାନ, ଅନ୍ଧକାରରେ ଅତ୍ୟାଚାରିତ କରି ରଖିଥିଲେ ସେସବୁ ଭୁଲିଯିବ ?' ଏମିତି କେତେ କଥା କହି ସାରିଲାଣି । ଆଉ ମୁଁ କ'ଣ କରିଥାନ୍ତି ? ମତେ ବି ତ ଛୁଆଁ, ଅଛୁଆଁ ଭାବ ମୋଠି ନାହିଁ ବୋଲି ଦେଖେ ଦେବାକୁ ହେବ । ବିରୋଧୀ ଦଳର ଭୂଆଁ ଭୁଲା କଥାରେ କିଚ୍‌ଚି ନହିଁ ବୋଲି ପ୍ରମାଣ କରିବାକୁ ପଡିବ ।' 'ହଁ, ହଁ ଠିକ୍ କଥା, ସତ କଥା, ମୁ ତ ପୁଣି ନେଇ ପଇତା ଛୁଏଇଁଥିଲି । ଇଏ ମୁଠାଏ ଖାଇଦେଲା ତ କଣ ହେଲା ? ଏପରା ଗଣତନ୍ତ୍ର ! ଏ ଗଣମାନଙ୍କୁ କଳେ, ବଳେ, କୌଶଳେ ବଶୀଭୂତ ନକଲେ କେମିତି ହେବ ? ଆଉ କାର୍ଯ୍ୟ ଥିଲେ ଗଧର ପାଦ ମଧ ଧରନ୍ତି ଶ୍ରୀକୃଷ୍ଣ । ଛାଡ, ଏ ବାଜେ କଥା ଆଲୋଚନା କରି କିଛି ଲାଭ ନାହିଁ । ଆହୁରି କେମିତି ବେଶୀ ଭୋଟ୍ ମିଳିବ ସେ କଥା ଭାବ ।' ଖୁସି ହୋଇ ଯାଉଥିଲେ ଗୌନ୍ତିଆ । ତାଙ୍କ ଯୁକ୍ତି ବି ପୁରାଣସିଦ୍ଧ ଓ ଗଣତାନ୍ତ୍ରିକ ଥିଲା । ସତକୁ ସତକୁ ସର୍ବାଧିକ ଭୋଟ୍‌ରେ ହରିମାଷ୍ଟ୍ରେଙ୍କ ପୁଅ ବିଜୟଲାଭ କରିଥିଲେ । ବାବୁ ଫୁଲମାଳ ପକାଇ ଗାଁ ଦାଣ୍ଡରେ ଚାଲିଗଲା ବେଳେ ସଧୁ ସଧୁ ଶୁଭୁଥିଲା ଚାରିଆଡେ ।

ଆମ ପଡାର ଲୋକ ଉଛୁଳି ଯାଇଥିଲେ ଖୁସିରେ । ଥରେ ଗାନ୍ଧିଜୀ ଆସିଥିଲେ, ଜେ କଣ ନ ଘଟୁଛି ଏ ଯାଏଁ । ଅନେଇ ବି ରହିଥିଲେ ପୁଣି ଗାନ୍ଧିଜୀ ଆସିବେ ଭାବି । ପୁଣିଗଣତନ୍ତ୍ର ଲୀଳାମୟ ହୋଇ ଉଠିବ ଭାବି । ହେଲେ ଗାନ୍ଧିଜୀ ଆସୁ ନଥିଲେ । ଏମିତି ଅପେକ୍ଷା କରି କରି ବୁଢାଦାଦା ଦିନେ ଚାଲିଗଲେ । ଏପରିକି ମରିବାର ମୁହୂର୍ତ୍ତେ ଆଗରୁ ବି ପାଗଳଙ୍କ ପରି ପଚାରି ଥିଲେ, ' ଏ ବୁଆ, ଯା'ତରେ ଗାନ୍ଧିଜୀ ଆସ୍‌ଲେ ଭାଏଲ୍ ଦେଖିଆ ଛନେ ।' ବୁଢାଦାଦା ସିନା ଚାଲିଗଲେ, ହେଲେ ଆମ ପଡାର ଅନେକ ଲୋକ ଯେଉଁମାନେ ଏ ଯାଏଁ ଠିକ୍‌ସେ ଗଣତନ୍ତ୍ର କଥା, ସ୍ୱାଧୀନତା କଥା ବୁଝି ପାରିନଥିଲେ, ଆଶାବାନ୍ଧି ବସିଥିଲେ । ଏମିତି କେବେ ଭୋଟ୍ ପଡିଲା ବେଳେ ଗାନ୍ଧିଜୀ ତ ନିଶ୍ଚୟ ଆସିବେ । ଆଉ ଭୋଟ୍ ଆସିଲେ କାହା ନା କାହାକୁ ପଚାରି ବସୁଥିଲେ, ' ଏ ବାବୁ, ଇଥର ଗାନ୍ଧିଜୀ ଆସୁଛନ୍ କାଏଁ ?' ଆଉ ଭୋଟ୍ ଆସିଲେ କାହାକୁ ନା କାହାକୁ ପଚାରି ବସୁଥିଲେ, '' ଏ ବାବୁ, ଇଥର ଗାନ୍ଧିଜୀ ଆସୁଛନ୍ କାଏଁ ?"

## ଚା', ଜଳଖିଆ, ମଦପିଆ ଓ ମହାନ୍ ଗଣତନ୍ତ୍ର:

ଗୌନ୍ତିଆ କି ହରିମାଷ୍ଟ୍ରେଙ୍କ ପୁଅ ନୁହନ୍ତି, ଭୋଟ୍ ଆସିଲେ ଗଣତନ୍ତ୍ର କଥା କହିବାକୁ ଅନେକ ଲୋକ ବହରି ପଡୁଥିଲେ ଆମ ଗାଁରେ ଏବଂ ଗାନ୍ଧିଜୀଙ୍କ ଠୁ ବି ବଡ ବଡ ଭାଷଣ ଦଉଥିଲେ, ସବୁ କିଛି ସରଳ ଭାଷାରେ ବୁଝେଇ ଦଉଥିଲେ । କେତେବେଳେ ଦହ ଦହ ଖରାରେ ତ କେତେ ବେଳେ ଅଧରାତିରେ ସାହି ସାହି ବୁଲୁଥିଲେ ।କହୁଥିଲେ, 'ଦେଖ ଏଠି ମୋହର ଲଗାଇଲେ ଏଇୟା । ଏ ଆମର ପ୍ରକୃତ ପ୍ରତିନିଧି ହୋଇପାରିବ । ଏ ହେଉଛି ପକ୍କା ଚୋର । ଦେଖ, ଦେଶ ସ୍ୱାଧିନ ହେଲାଣି କାହାକୁ ଡରିବାର କିଛି ଦରକାର ନାହିଁ । ଏଇ ଯାଗାରେ ଏଇ ଚିହ୍ନକୁ ଧ୍ୟାନ ଦେବ । ଏଇଠି ଲଗେଇବ ମୋହର ।'

ଏତିକି ନୁହେଁ , ଆମ ପଡାର ନରି ମଧ୍ଯ ଭୋଟ୍ ଦେଲା ଦିନ ଠିଆ ହୋଇ ଯାଇଥିଲା ସ୍କୁଲ୍ ଛକରେ । ଏଇ ନରି ଘରୁ ହରି ମାଷ୍ଟ୍ରେଙ୍କ ପୁଅ ଖାଇ ଯାଇଥିଲେ ପେଜ ଓ ଶୁଖୁଆ ପୋଡା  । ସେ ଯା' ହଉ, ଭୁତ ଧରିଲା ପରି ଭୋଟ୍ ଦେବାକୁ ଯାଉଥିବା ଲୋକଙ୍କୁ ଡାକି ଚା', ଜଳଖିଆ ଦେଉଥିଲା ଖାଇବାକୁ । ' ଇଟା ଅମ୍କା ବାବୁ ଦି' ଛନ୍, ନେ' ଗୁଂଜି ଦେଉଥିଲା ଦଶ ଟଙ୍କିଆ ନୋଟ୍‌ଟେ । 'ଭିତର୍‌କେ ଯଉଛୁ, ବାବୁର ଚିହ୍ନା ତ ଜାନିଛୁ, ଆରୁ କାଣା କହେବି ?' କାଳେ କେହି ଭୁଲିଯିବ ବୋଲି ବଡ ଚାତୁର୍ଯ୍ୟରେ କହି ଦେଉଥିଲା । ଆଁ କରି ଚାହିଁ ରହିଥିବା ଲୋକମାନେ ଏତେ କଥା ବୁଝି ପାରୁନଥିଲେ । ଜଳଖିଆ ଖାଇ, ନୋଟ୍‌ଟିକୁ ଅଣ୍ଟାରେ ଗୁଂଜି ଦେଇ ଚାଲି ଯାଉଥିଲେ ଭୋଟ୍ ଦେବାକୁ । ତର୍ଜନି ଟିପରେ କଳାସ୍ୟାହି ଲଗେଇବାକୁ ।

ଗାନ୍ଧିଜୀ ଯେଉଁ ସ୍କୁଲ ପ୍ରାଙ୍ଗଣରେ ଭାସଣ ଦେଇଥିଲେ, ସବୁ ବେଳେ ସେହି ସ୍କୁଲ ବାରଣ୍ଡାରେ ଭୋଟ୍ ପଡୁଥିଲା । ସ୍କୁଲ ପାଖ ଛକରେ ଥିଲା ଚା', ଜଳଖିଆ ଦୋକନ । ନରି ଦେଉଥିଲା ଦଶ ଟଙ୍କା ମଦପିଆ । ଗାନ୍ଧିଜୀ ଯେ ଗଣତନ୍ତ୍ରର ମହନତା ବିଷୟରେ କହିଥିଲେ, ଏସବୁ ଘଟଣା ଘଟିବା ଭିତରେ  କେହି କେହି ଏକଥା ମନେ ପକଉଥିଲେ । ମୋହର ଟିକିଏ ଲଗେଇବା ପାଇଁ ଚା' ଜଳଖିଆ, ଓ ମଦପିଆ ମିଳୁଛି । ଏଇୟାଠୁ ବଳି ମହାନ ଘଟଣା କଣ ହୋଇପାରେ ? ଆଁକରି ଚାହିଁ ରହିଥିବା ସବୁ ଲୋକ ମାତାଲ ହୋଇ ଉଠିଥିଲେ ମହାନ୍ ଗଣତନ୍ତ୍ରର ସ୍ୱାଦରେ । ଗାନ୍ଧିଜୀ ସେତେବେଳେ କାହିଁକି ଏସବୁ ଖୋଲି କହି ନଥିଲେ  ଭାବୁଥିଲେ କେହି କେହି । ସତରେ, ଏ ଯାଏଁ

ଆମ ପଡାର କିଛି ଲୋକ ଭଲକି ବୁଝପାରି ନଥିଲେ ପ୍ରକୃତରେ ଗାନ୍ଧିଜୀ କ'ଣ କହିଥିଲେ ? ଅତଏବ୍ , ଆଉଥରେ ତାକୁ ଶୁଣିବେ, ଏଇ ଚିନ୍ତାରେ ବ୍ୟସ୍ତ ଓ ବିବ୍ରତ ହୋଇ ପଡୁଥିଲେ । ଭୋଟ୍ ଆସିଲେ ଧାଇଁ ଯାଉଥିଲେ କାଳେ ଗାନ୍ଧିଜୀ ଆସିଥିବେ ।

ଚମକୁଥିବା ଦେଶ ଓ ରାତି ଅଧରେ ଉଡି ବୁଲୁଥିବା ଗାନ୍ଧିଜୀଙ୍କ ନଣ୍ଡାମୁଣ୍ଡ

ଏଥର କିନ୍ତୁ ଭୋଟ୍ ଆସିଥିଲା ଯେ ସବୁକିଛି ସମ୍ପୂର୍ଣ୍ଣ ଅଲଗା ଥିଲା । ଦେଶ ହିଁ ଗୋଟାପଣେ ଚମକୁ ଥିଲା । ବଡ ରହସ୍ୟପୂର୍ଣ୍ଣ ଥିଲା ଏ କଥା । କେହି କହୁଥିଲା, ଦେଶ ରୁପା ପରି ଚମକୁଛି । କେହି କହୁଥିଲା ଦେଶ ଚମକୁଛି ହୀରା ପରି । କେହି କହୁଥିଲା ଦେଶ ଚମକୁଛି ବୋଜପାୟୀଙ୍କ ହସ ପରି ।ଆଉ ଏ ଦେଶ ଚମକିବା କଥା ଆଦୌ ମିଛ ନୁହେଁ ଏକଥା ସେତେବେଳେ ଆମ ଗାଁକୁ ଯିଏ ଦେଖୁଥିଲା ସିଏ କହୁଥିଲା । ଆମ ଗାଁର ବହୁଲୋକ ବୋଜପାୟୀଙ୍କ ହସର ତାଳେ ତାଳେ ହସୁଥିଲେ । ପଦ୍ମ ଫୁଟିଲା ପରି ହସ ଫୁଟୁଥିଲା ସମସ୍ତଙ୍କ ତର୍ଜନୀ ଟିପରେ ।

ସମସ୍ତେ କହୁଥିଲେ ଦେଶ ଚମକୁ ନାହିଁ କେବଳ, ହସୁଛି ବି । ଆଜିଠୁ ଏ ଦେଶ ବରାବର ଚମକିବ ଉଜ୍ଜଳ ତାରା ପରି । ହସିବ ଅମ୍ଲାନ ହସ ବୁଦ୍ଧଙ୍କ ହସ ପରି । ଦୁଃଖ ଗଲା ଏ ଦେଶରୁ । ଦେଶର କପାଳରେ  ଏଣିକି ସୁଖ ସବୁ ଫୁଲ ପରି ଫୁଟିବ । ସତକୁ ସତ, ଅନେକ ଲୋକ ଧୋବ ଫରଫର ଖଦଡ ପିନ୍ଧିଥିଲେ । ସମସ୍ତଙ୍କ ପାଖରେ ଅଯାଚିତ ଭାବେ ଭାରତୀୟ ମୁଦ୍ରା ଝଣଝଣ କରୁଥିଲା । ଗୀତ ଗାଉଥିଲେ ଦେଶର ଚମକରେ, ଦେଶର ହସରେ । ଦେଶର ପ୍ରଗ୍ରତିରେ ନାଚି ଉଠୁଥିଲେ । ଭାବରେ, ଭାଷଣରେ ସମସ୍ତେ କହୁଥିଲେ 'ଭଲ ଲାଗୁଛି ସବୁ କିଛି' । ସମସ୍ତଙ୍କ ଚାଲିରେ, ଚାହାଁଣିରେ ଖୁସି ଖୁସି ଅନୁଭବ ଥିଲା । ଏଥର କେବଳ ଭୋଟ୍ ଦିଅ, କେବଳ ଭୋଟ୍ ଦିଅ, କେବଳ ଭୋଟ୍ ଦିଅ । ସତ କହିଲେ, ଗାଁର ଅନେକ ଲୋକ ମନ୍ତ୍ରମୁ□ ହୋଇ ଉଠୁଥିଲେ ।

ତଥାପି ଆଁ କରି ଚାହିଁ ରହିଥିଲେ କିଛି ଲୋକ । ଏବଂ ଏହି ଆଁ କରି ଚାହିଁ ରହିଥିବା ଲୋକଙ୍କ ଉପରେ ସମସ୍ତଙ୍କ ଆଖି ଥିଲା । ଏମନଙ୍କ ତର୍ଜନୀ ଟିପରେ ସମସ୍ତଙ୍କ ଲକ୍ଷ୍ୟ ଥିଲା । ଭାଷଣରେ ଆଉ କିଛି ହେବ ନାହିଁ ଭାବୁଥିଲେ । ଚା' ଜଳଖିଆ, କି ମଦପିଅ ବି ଆଉ ଯଥେଷ୍ଟ

ନୁହେଁ ଜାଣି ସାରିଥିଲେ । ଏବେ ଆଁ କରି ଚାହିଁ ଥିବା ଲୋକଙ୍କ ଲୋଭ ବି ବଢିଗଲାଣି । ଏ ତ ଗଣତନ୍ତ୍ର, କାହାର ଲୋଭକୁ କିଏ ଆକଟ କରିବ ? ଗଣତନ୍ତ୍ର କଥା, ଭୋଟ୍ କଥା ବୁଝଉଥିବା ସମସ୍ତ ବିଜ୍ଞ ପୁରୁଷ ମାନେ କୁହାକୁହି ହେଉଥିଲେ ଏ କଥା ।

ହଟାତ୍ ରାତି ଅଧରେ ଆଁ କରି ଚାହିଁ ଥିବା ଲୋକ ସବୁ ଦେଖିଲେ ପଡା ସାରା ଗାନ୍ଧିଜୀଙ୍କ ନଣ୍ଡାମୁଣ୍ଡ ଖଡଖ୍ଡ ହୋଇଉଡୁଛି । ସମସ୍ତେ ତ ଟିକିଏ ଅଧେ ଚିହ୍ନି ପାରୁଥିଲେ ଏତେ ଦିନ ପରେ ବି । ଯଦିଓ , ଏତେ ପାଖରୁ ଗାନ୍ଧିଜୀଙ୍କୁ କେହି ଦେଖି ନ ଥିଲେ । ' ହଏ ହଏ ଗାନ୍ଧି ମହପ୍ରୁଏ ତୋ' ! ଏ ବୁଆରେ ଇ ଖାଲି ମୁଡ୍ ?' କିଛି ତ ଡରିମରି ଥରିବାକୁ ଲାଗିଲେ । କିନ୍ତୁ, ଖାଲି ମୁଣ୍ଡ ଉଡୁ ନଥିଲା, ନଣ୍ଡାମୁଣ୍ଡର କପାଳରେ ଚିହ୍ନଟିଏ ବି ଥିଲା । ଲୋକେ ଦେଖିଲେ, '' ଆଏଁ ଇନେ ତୋ ଭୋଟ୍ ଦେବାକେ କହେସନ କାଏଁ ଯେ । ଯେଉଁମାନେ ଗାନ୍ଧିଜୀଙ୍କ ବିଷୟରେ ଜାଣି ନଥିଲେ, ଭଲ କି ଶୁଣି ନଥିଲେ ସେମାନେ ଗନ୍ଧିଜୀଙ୍କ ନଣ୍ଡାମୁଣ୍ଡ ଦେଖି ଖିଲଖିଲେଇ ଉଠିଥିଲେ, ''ଆରେ, ଏ ତ ପାଞ୍ଚଶତ ଭାରତୀୟ ମୁଦ୍ରା ।'' ଘର ପିଛା ଗୋଟାଏ ଗୋଟାଏ ମୁଣ୍ଡ ଖସି ପଡିଥିଲା ବଡ ବିକଳରେ । ପଛପଟୁ ଶୁଭୁଥିଲା, ''ମୋହର ଲଗେଇଲା ବେଳେ ଭୁଲିବନି ଦାଦା, ଭୁଲିବନି କାକା । ଭୁଲିବନି ଭାଉଜ । ଭୁଲିବନି ଦାଦି । ଭୁଲିବନି ମାଉସୀ, ଭୁଲିବନି ମାମୁଁ । ଶୁଭୁଥିଲା ମାଇଁ ଗୋ ଦେଖ, ଭୁଲିବ ନାହିଁ ।

ଗାନ୍ଧିଜୀଙ୍କ ନଣ୍ଡାମୁଣ୍ଡକୁ ଛାତିରେ ଜାକି ଧରି ଲୋକେ ରାତି ସାରା ଆଉଁସୁଥିଲେ କେହି କେହି ଅନେକ ଦିନ ପରେ ସ୍ୱୟଂ ଗାନ୍ଧିଜୀ କହିବା କଥା ମନେ ପକଉଥିଲେ ଓ ଗାନ୍ଧିଜୀ ହସୁଥିଲେ ପାକୁଆ ପାଟିରେ । ସେଥର ଯେପରି ଦେଶ କଥା, ସ୍ୱାଧୀନତା କଥା, ଗଣତନ୍ତ୍ର କଥା କହୁଥିଲେ ଆଜି ବି ତାଙ୍କ ନଣ୍ଡାମୁଣ୍ଡ ଅନେକ କଥା କହୁଥିଲା । ହେଲେ, ପୂର୍ବପରି କେହି କିଛି ବୁଝି ପାରୁନଥିଲେ । ଖାଲି ଚାହିଁ ରହିଥିଲେ ଆଁ କରି ।

ଦିଲ୍ଲୀ ଇଉନିଭର୍ସିଟି
ଇମେଲ୍ sanjayabag@rediffmail.com

# Orissa: Throttled Dissent, Overstepped Laws, Displaced People

***Saswat Pattanayak***

*"Toshamodia ra kukura prakruti*
*Aiintha patare dhyaana"*

"Sycophants, like stray curs
Have a vision for leftovers"

("Utkal Gaurav" Madhusudan Das)

When Sri Madhusudan Das, founding father of Orissa state and chief architect of Orissa's struggle for independence, penned down these lines, he was acutely aware of the opportunists in the province. Political sycophants and academic supremacists were abound in maintaining their elitisms and in serving the British colonial causes. Despite heroic struggles by countless freedom fighters, including the youngest martyr of India-- Baji Raut, to the proudest one Laxmana Nayak, in spite of the valiant struggles during Sepoy Mutiny, to ghastly massacres of freedom fighters at Eram during Quit India Movement—Orissa's rightful claim to freedom for her people had remained a distant dream for ages.

Orissa--the land of plenty in poverty—is a classic tale of class society. Within it existed, one comprising the toiling farmers of an agrarian society and indigenous population of culturally diverse and rich state; and two, comprising the landowning casteist section reaping benefits from political power, monopoly, and private ownership of the natural splendors of the state.

The struggle between the two extremely visible classes have been continuing since several decades now, but has become most conspicuous in recent times. And increasingly, one is now reminded of how Orissa had emerged as the first Indian state to be constituted on linguistic grounds as back as 1936 -- not just to

commemorate a victory to celebrate Oriya as a language, but also to thwart any attempts at attacking the sovereignty of its people's rights to self-determination. That's because, apparently, most of the upper class Oriyas today seem to be perfectly content in letting go of Orissa's hard-earned freedom, and in getting her sovereignty be sacrificed at the whims of the likes of its former colonial business masters. Most of us have been reduced to becoming mere "toshamodias", considering that the glee at the leftover of a foreign capitalist has made us overlook the grief of larger masses of fellow dispossessed Oriyas.

**Vedanta and Capitalistic Expansions:**

Vedanta, which sounds Indian- even Brahminical- is meant to be so. Although based in England, the company has its eyes set only on former British colony India. Not just on a country that was being ripped off by the Empire until few decades back, but also on the poorest state of India. Again, not just on Orissa, but on the poorest district of Orissa.

Gandhi once said in his Talisman about how before we take a step, we should think of the welfare of the poorest of the poor. Now his country has another policy in power: before you take a step, make sure to trample the poorest of the poor to oblivion.

